୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.32 Bhubaneswar Sunday March 9 2025 | ୨୭ତମ ବର୍ଷ ସଂଖ୍ୟା–୩୨ ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୯, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ନବୀନଙ୍କ ବହୁ କୋଟି ଟଙ୍କାର ଫାର୍ମହାଉସ୍ ପୁତୁରା-ଝିଆରୀଙ୍କୁ ଦେଲେନି



ଭୁବନେଶ୍ୱର,୮ ।୩(ପି.ଏନ): ଓଡିଶାର ସର୍ବାଧିକ ଅବଧିର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସମ୍ପତ୍ତି କେତେ, ତାଙ୍କ ଆୟର ଉତ୍ସ କ'ଣ, ରାଜନୀତିରେ ପାଦ ଥାପିବା ପରେ କେତେ ସମ୍ପତ୍ତି ଆହରଣ କରିଛନ୍ତି ? ଏଭଳି ପ୍ରଶ୍ନ ସାଧାରଣ ଲୋକଙ୍କ ମନରେ ଆସିବା ସ୍ୱାଭାବିକ । ବିଜୁ ପଟ୍ଟନାୟକଙ୍କ ସାନପୁଅ ନବୀନ ଉତ୍ତରାଧିକାରୀ ସୂତ୍ରରେ ଓଡିଶାର ରାଜନୀତିରେ ପ୍ରବେଶ କରି ସର୍ବାଧିକ ୨୪ବର୍ଷ ମୁଖ୍ୟମନ୍ତ୍ରୀ ରହିବାର ରେକର୍ଡ କରିଛନ୍ତି । କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ନବୀନ ଏହି ଅବଧି ମଧ୍ୟରେ ନିଜେ କୌଣସି ସମ୍ପତ୍ତି କ୍ରୟ କରିନାହାନ୍ତି କିମ୍ବା ନିଜର ବ୍ୟାଙ୍କ ବାଲାନ୍ସ ମଧ୍ୟ ବ ?ାଇନାହାନ୍ତି । ବରଂ ଯାହା ଦରମା-ଭତ୍ତା ବାବଦରେ ପାଇଛନ୍ତି ସେଥିରେ ନିଜ ଖର୍ଚ୍ଚ ତୁଲାଇଛନ୍ତି । ଏପରିକି ନିଜ ମା' ଜ୍ଞାନ ପଟ୍ଟନାୟକଙ୍କଠୁ ପାଇଥିବା ହରିଆଣାର ସୋହନା ରୋଡ ଅନ୍ତର୍ଗତ ଟିକିରିଖେଡାସ୍ଥିତ ମୂଲ୍ୟବାନ ୨୨.୭ଏକର ଫାର୍ମହାଉସ୍ ?କୁ ମଧ୍ୟ ବିକ୍ରି କରିଦେଇଛନ୍ତି । ନୂଆଦିଲ୍ଲୀଠୁ ମାତ୍ର ୩୫କିମି ଦୂରରେ ଥିବା ଏହି ମୂଲ୍ୟବାନ ଫାର୍ମହାଉସ ପାଖରେ ପୁତୁରା ଅରୁଣ ପଟ୍ଟନାୟକ ଓ ଝିଆରୀ ମାୟା ପଟ୍ଟନାୟକଙ୍କ ସମେତ ବଡଭାଇ ପ୍ରେମ ପଟ୍ଟନାୟକଙ୍କ ସମ୍ପତ୍ତି ଥିଲେ ମଧ୍ୟ ସେମାନଙ୍କୁ କାଣିଚାଏ ବି ଦେଇନାହାନ୍ତି ନବୀନ । ସୋହନା ରୋଡ ଅଂଚଳରେ ଜମିର ବଜାର ମୂଲ୍ୟ ଏକର ପିଛା ୩ରୁ ୩୫କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି । କିନ୍ତୁ ନବୀନ ଏହି ମୂଲ୍ୟବାନ ସମ୍ପତ୍ତିକୁ କେତେ ଟଙ୍କାରେ ବିକ୍ରି କରିଛନ୍ତି ତାହା ଜଣାପଡିନି କିନ୍ତୁ ୨୦୧୯ ସାଧାରଣ ନିର୍ବାଚନରେ ନବୀନ ଦାଖଲ କରିଥିବା ସମ୍ପତ୍ତି ବିବରଣୀର ସତ୍ୟପାଠ ଓ ୨୦୨୪ ନିର୍ବାଚନରେ ନବୀନଙ୍କ ସମ୍ପତ୍ତି ବିବରଣୀ ସତ୍ୟପାଠରେ ତାଙ୍କର ଅଚଳାଚଳ ସମ୍ପତ୍ତିର ପରିମାଣ ଯଥାକ୍ରମେ ୬୩.୮୭ କୋଟି ଟଙ୍କା ଓ ୭୧.୦୭ କୋଟି ଟଙ୍କା ରହିଛି । ନବୀନଙ୍କ ସମ୍ପତ୍ତି ଏକ ଦକ୍ଷିଣ ଭାରତୀୟ ପରିବାର କ୍ରୟ କରିଥିବା ଜଣାପଡିଛି ।

**ବିଜୁଙ୍କ ନାତିନାତୁଣୀଙ୍କୁ ନବୀନ ଦେଲେନି ସମ୍ପତ୍ତି**

ବିଜୁ ପଟ୍ଟନାୟକଙ୍କ ମୃତ୍ୟୁ ପରେ ଓଡିଶା ରାଜନୀତିରେ ପ୍ରବେଶ କରି କେନ୍ଦ୍ରମନ୍ତ୍ରୀ ଓ ସର୍ବାଧିକ ଅବଧିର ମୁଖ୍ୟମନ୍ତ୍ରୀ ରହିଥିବା ନବୀନ ପଟ୍ଟନାୟକ ଏବେବି ରାଜ୍ୟର ବିରୋଧୀ ଦଳର ନେତା ଭାବେ କାର୍ଯ୍ୟ କରୁଛନ୍ତି । ନବୀନ ନିଜେ କୌଣସି ସମ୍ପତ୍ତି ଆହରଣ କରିନାହାନ୍ତି । ଯାହା ତାଙ୍କୁ ପିତା ଓ ମା'ଙ୍କଠୁ ଉତ୍ତରାଧିକାରୀ ସୂତ୍ରରେ ମିଳିଛି । ୨୦୦୪ ସାଧାରଣ ନିର୍ବାଚନରେ ନବୀନ ଦେଇଥିବା ସତ୍ୟପାଠ ଅନୁସାରେ ତାଙ୍କୁ ନୂଆଦିଲ୍ଲୀସ୍ଥିତ ପିତାଙ୍କ ଘରରେ ତାଙ୍କର ଭାଗ ଏକଚତୁର୍ଥାଂଶ (ଯାହାର ମୂଲ୍ୟ ୨କୋଟି ଟଙ୍କା) ରହିଥିଲା । କଟକସ୍ଥିତ ଆନନ୍ଦ ଭବନ ଘରରେ ତାଙ୍କର ଏକତୃତୀୟାଂଶ (ମୂଲ୍ୟ ୧୦ଲକ୍ଷ ଟଙ୍କା), ବିଜୁଙ୍କ ବ୍ୟାଙ୍କ ଆକାଉଣ୍ଟରୁ ତାଙ୍କୁ ୧୫ଲକ୍ଷ ଟଙ୍କା ମିଳିଥିଲା । ଏହାସହିତ ତାଙ୍କର ନିଜସ୍ୱ ବ୍ୟାଙ୍କ ବାଲାନ୍ସ ୨୪ଲକ୍ଷ ଟଙ୍କା ଥିଲା । ଏଭଳି ଭାବେ ନବୀନ ୨୦୦୪ ମସିହାବେଳେ ମୋଟ ପ୍ରାୟ ଅ??ଇ କୋଟି ଟଙ୍କା ସମ୍ପତ୍ତିର ମାଲିକ ଥିଲେ । ତେବେ ମା' ଜ୍ଞାନ ପଟ୍ଟନାୟକଙ୍କ ମୃତ୍ୟୁ ପରେ ନବୀନଙ୍କୁ ଉତ୍ତରାଧିକାରୀ ସୂତ୍ରରେ ଦିଲ୍ଲୀସ୍ଥିତ ଘରର ମୋଟ୍ ୫୦ପ୍ରତିଶତ ଓ ନବୀନ ନିବାସ ଘରର ଦୁଇ ତୃତୀୟାଂଶ ଓ ହରିଆଣାର ଫରିଦାବାଦ ଜିଲ୍ଲାର ସୋହନାରୋଡଠାରେ ଥିବା ମୂଲ୍ୟବାନ ୨୨.୭ ଏକର ଫାର୍ମହାଉସ(୪୨୬୦ବର୍ଗଫୁଟର କୋଠା ସହ)ର ମାଲିକାନା ମିଳିଥିଲା । ଆଉ ପରିବାରର ସହମତିରେ ଉଭୟ ପ୍ରେମ ଓ ନବୀନ କଟକର ତୁଳସୀପୁରସ୍ଥିତ ଆନନ୍ଦଭବନକୁ ୨୦୧୫ ଜାନୁୟାରୀ ମାସରେ ରାଜ୍ୟ ସରକାରଙ୍କୁ ଦାନ କରିଦେଇଥିଲେ । ତେବେ ମା'ଙ୍କଠୁ ପାଇଥିବା କୋଟିକୋଟି ଟଙ୍କାର ଫାର୍ମହାଉସକୁ ବିକ୍ରି କରିବା ନେଇ ଯଦିଓ ନବୀନ ୨୦୧୯ ସାଧାରଣ ନିର୍ବାଚନବେଳେ ଦାଖଲ ସମ୍ପତ୍ତି ବିବରଣୀ ସତ୍ୟପାଠରେ କୌଣସି ଆଭାସ ଦେଇନଥିଲେ ମାତ୍ର ମୁଖ୍ୟମନ୍ତ୍ରୀ ଭାବେ ସେ ଦାଖଲ କରିଥିବା ସମ୍ପତ୍ତି ବିବରଣୀ(୨୦୨୦ ଅଗଷ୍ଟ ୨୦ତାରିଖ)ରେ ସେ ନିଜର ଫାର୍ମହାଉସ୍ ବିକ୍ରି ବାବଦରେ ସୂଚନା ଦେଇଥିଲେ । ଏହି ଫାର୍ମହାଉସ୍ ବିକ୍ରି ପାଇଁ ୨୦୧୯ ମସିହା ସେପ୍ଟେମ୍ବର ୧୮ତାରିଖରେ ଏକ ସେଲ୍ ଡିଡ୍ ବଳରେ ସେ ୧.୨୫କୋଟି ଟଙ୍କାର ଅଗ୍ରୀମ ଆଣିଥିବା ଦର୍ଶାଇଥିଲେ । ନବୀନଙ୍କ ଫାର୍ମହାଉସ୍ ନିକଟରେ ତାଙ୍କ ପୁତୁରା,ଝିଆରୀ ଓ ବଡଭାଇ ସମ୍ପତ୍ତି ଥିଲେ ମଧ୍ୟ ସେମାନଙ୍କୁ ଦେବାକୁ ନବୀନ ଉଚିତ୍ ମଣିନାହାନ୍ତି । ବିଜୁ ପଟ୍ଟନାୟକଙ୍କ ପରିବାରର ସଦସ୍ୟମାନେ ତାଙ୍କ ସମ୍ପତ୍ତି ନିଅନ୍ତୁ ବୋଲି ନବୀନ ପରୋକ୍ଷରେ ଚାହିଁନଥିବା ସ୍ପଷ୍ଟ ହୋଇଛି ।

**ନବୀନ କେତେ ଟଙ୍କାରେ ବିକିଲେ ସମ୍ପତ୍ତି**

ସରକାରୀ ଦସ୍ତାବିଜ ଅନୁସାରେ ନବୀନ ନିଜର ମୋଟ ୨୨.୭ଏକର ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ସମ୍ପତ୍ତି ଚାରିପାଶ୍ୱର୍ରେ ବ୍ୟବସାୟିକ ସମ୍ପତ୍ତି ରହିଥିଲେ ମଧ୍ୟ ନବୀନ ନିଜର ସମ୍ପତ୍ତିର କିସମ ପରିବର୍ତ୍ତନ କରିନଥିଲେ ।

## ନିଆଁର ଆଁରେ ଜଳୁଛି ମିକ୍ସଚର ଫ୍ୟାକ୍ଟ୍ରି



ଭୁବନେଶ୍ୱର,୮ ।୩(ପି.ଏନ):ସକାଳୁ ସକାଳୁ ବଡ଼ ଧରଣର ଅଗ୍ନିକାଣ୍ଡ । ନିଆଁର ଆଁରେ ଜଳି ପୋଡି ଛାରଖାର ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ। ମିକ୍ସଚର ଫ୍ୟାକ୍ଟ୍ରିରେ ନିଆଁ ଲାଗିବା ଯୋଗୁଁ ଦୋକାନ ଭିତରେ ଥିବା ଅନେକ ସାମଗ୍ରୀ ନଷ୍ଟ ହୋଇଯାଇଥିବା ଅନୁମାନ କରାଯାଉଛି ।ନିଆଁ ଲିଭା କାର୍ଯ୍ୟରେ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଛନ୍ତି। ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ହେଲେ ଏବେ ସୁଦ୍ଧା ସମ୍ପୂର୍ଣ୍ଣ ରୂପରେ ନିଆଁ ଆୟତ୍ତକୁ ଆସିନାହିଁ। ଯେହେତୁ ଫ୍ୟାକ୍ଟ୍ରି ପାଖରେ ଅନେକ ଦୋକାନ ରହିଛି, ନିଆଁ ବ୍ୟାପିବାର ମଧ୍ୟ ସମ୍ଭାବନା ରହିଛି ।ଦୋକାନ ଭିତରୁ ପ୍ରବଳ ଧୂଆଁ ବାହାରୁଛି। ଏହି ଘଟଣାଟି ଭୁବନେଶ୍ୱର ସହିଦନଗରରେ ଥିବା ଏର ମିକ୍ସଚର ଫ୍ୟାକ୍ଟ୍ରିରେ ଘଟିଛି। ହେଲେ ନିଆଁ କିପରି ଲାଗିଲା ତାହା ଏବେ ଯାଏଁ ଜଣା ପଡିନାହିଁ। ନିଆଁ ଲିଭାଇବା ଏକ ପ୍ରକାର ଚ୍ୟାଲେଞ୍ଜ ହୋଇଯାଇଛି। କାରଣ ଯଦି ନିଆଁ ଥରେ ବ୍ୟାପିବା ଆରମ୍ଭ କରିବ। ତାହାଲେ ଆୟତ୍ତକୁ ଆସିବା କଷ୍ଟ ସାଧ ହୋଇପଡିବ।

## ଲାଞ୍ଜିଗଡ଼-ଭୁବନେଶ୍ୱର, ଜିଲ୍ଲାର ବିକାଶ ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି




ଭୁବନେଶ୍ୱର,୮ ।୩(ପି.ଏନ): ଲାଞ୍ଜିଗଡ଼ରୁ ଭୁବନେଶ୍ୱର। ଲାଞ୍ଜିଗଡ଼ ବକ୍ସାଇଟ୍ ଖଣି ପାଇଁ ତୁରନ୍ତ ଏକ ଗ୍ରାମସଭା ଆୟୋଜନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ଦେବା ସହ, ରାଜଧାନୀ ରାସ୍ତାରେ ଏକ ବିଶାଳ ଶୋଭାଯାତ୍ରା କରିଥିଲେ କଳାହାଣ୍ଡି ବାସିନ୍ଦା ।ଆଦିବାସୀ ଗୋଷ୍ଠୀ ଏବଂ କଳାହାଣ୍ଡି ବାସିନ୍ଦାଙ୍କର ମୁଖ୍ୟ ଦାବି ରହିଛି ଲାଞ୍ଜିଗଡ଼ ଅଞ୍ଚଳର ବିକାଶ। ଯାହାକି ଏବେସୁଦ୍ଧା କାର୍ଯ୍ୟକ୍ଷମ ହୋଇନାହିଁ। ସେମାନଙ୍କ ଅଞ୍ଚଳରେ ସାମାଜିକ-ଅର୍ଥନୈତିକ ବିକାଶର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ସେମାନଙ୍କର ମୁଖ୍ୟ ଦାବି ରହିଛି ।ଲାଞ୍ଜିଗଡ଼ର ବିକାଶ: ଯେହେତୁ କଳାହାଣ୍ଡିର ସମ୍ପୂର୍ଣ୍ଣ ଅପରପାର୍ଶ୍ୱରେ ଥିବା ରାୟଗଡ଼ା ଓ କଳାହାଣ୍ଡିର ପଡ଼?ଶୀ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ହୋଇଛି। ଯଦ୍ୱାରା ସେଠାକାର ଜୀବନଧାରଣ ମାନ, ଅର୍ଥନୈତିକ ଜୀବନରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଛି ।ହେଲେ କଳାହାଣ୍ଡି ଜିଲ୍ଲାରେ ବିଶ୍ୱର ଅନେକ ସର୍ବୋତ୍ତମ ବକ୍ସାଇଟ୍ ଭଣ୍ଡାର ରହିଛି। ତଥାପି ଏହି ଅଞ୍ଚଳରେ ବିକାଶର ଚିହ୍ନବର୍ଣ୍ଣ ନାହିଁ। ଆଉ ଏହା କାର୍ଯ୍ୟକ୍ଷମ ନହେବା କାରଣରୁ ବକ୍ସାଇଟ୍ ସମୃଦ୍ଧ କଳାହାଣ୍ଡି ଅଞ୍ଚଳ ଏବେ ବି ପଛରେ ରହିଯାଇଛି। ଆଉ ସେଥିପାଇଁ ଏବେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି ରହିଛନ୍ତି ଆଦିବାସୀ ଗୋଷ୍ଠୀ ଏବଂ କଳାହାଣ୍ଡି ବାସିନ୍ଦା ।ଗ୍ରାମସଭା ଆୟୋଜନ: ତେବେ କଳାହାଣ୍ଡି ବକ୍ସାଇଟ୍ ସମ୍ବଳ ସମୃଦ୍ଧ ହେବା ସତ୍ତ୍ୱେ, ଏହା ଓଡ଼ିଶାର ଏକ ଅନୁନ୍ନତ ଅଞ୍ଚଳ ହୋଇ ରହିଯାଇଛି। ଦୀର୍ଘ ୨୧ ବର୍ଷ ଧରି ଲାଞ୍ଜିଗଡ଼ ବକ୍ସାଇଟ୍ ଖଣି ପାଇଁ ଗ୍ରାମସଭା ବିଚାରାଧୀନ ରହିଛି ।ଏହି ଅଞ୍ଚଳରେ ବକ୍ସାଇଟ୍ ଖଣିର କାର୍ଯ୍ୟକ୍ଷମ ନ ହେବା କାରଣରୁ ଏହି ଅଞ୍ଚଳ ଆଗକୁ ବଢିପାରୁନି। ଜିଲ୍ଲାର ପ୍ରଗତିରେ ବାଧା ସୃଷ୍ଟି କରୁଛି। ଯଦ୍ୱାରା ବକାରୀ ସମସ୍ୟା ବୃଦ୍ଧି ପାଉଛି। ଯଦି ଲାଞ୍ଜିଗଡ଼ରେ ବକ୍ସାଇଟ୍ ଶିଳ୍ପ କାର୍ଯ୍ୟକ୍ଷମ ହୁଅନ୍ତା, ତାହାଲେ ଅନେକ ବେରୋଜଗାରୀ ରୋଜଗାର କରିପାରନ୍ତେ। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ: ତେଣୁ ବିକଶିତ ଓଡ଼ିଶାର ପରିକଳ୍ପନା ଓ ନୂତନ ଡବଲ ଇଞ୍ଜିନ ସରକାରଙ୍କ ନେତୃତ୍ୱରେ ଆଦିବାସୀ ସମ୍ପ୍ରଦାୟ ଓ କଳାହାଣ୍ଡି ଲୋକଙ୍କର ବିକାଶ ପ୍ରତି ସରକାର ଦୃଷ୍ଟି ଦିଅନ୍ତୁ ବୋଲି ସେମାନେ ଆଶା ପ୍ରକଟ କରିଛନ୍ତି। ସବୁଠାରୁ ବଡ଼ କଥା ହେଉଛି ମୁଖ୍ୟମନ୍ତ୍ରୀ ନିଜେ ଏଥିରେ ହସ୍ତକ୍ଷେପ କରିବା ସହ କଳାହାଣ୍ଡି ଜିଲ୍ଲାର ବିକାଶକୁ ଅଗ୍ରାଧିକାର ଦିଅନ୍ତୁ ବୋଲି ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

### ଗରମରେ ଡହଳବିକଳ ଓଡିଶାବାସୀ! ଆହୁରି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ ତାପମାତ୍ରା

ଭୁବନେଶ୍ୱର,୮ ।୩(ପି.ଏନ): ଆଭ୍ୟନ୍ତରୀଣ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ରହିଛି। ଆଗାମୀ ୨ ସପ୍ତାହ ( ୮ ରୁ ୨୦ ମାର୍ଚ୍ଚ ଯାଏ) ଏହି ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହର ସମ୍ଭାବନା ୩୩ ପ୍ରତିଶତ ରହିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଏହି ପୂର୍ବାନୁମାନ କରିଛି। ମାଲକାନଗିରିରେ ଶୁକ୍ରବାର ଦିନ ତାପମାତ୍ରା ସର୍ବାଧିକ ୩୬.୩ ଡିଗ୍ରୀ ରହିଥିବା ବେଳେ ବୌଦ୍ଧ ଓ ଝାରସୁଗୁଡାରେ ୩୬.୨, ସୁନ୍ଦରଗଡରେ ୩୫.୭, ସମ୍ବଲପୁରରେ ୩୫.୪, ବଲାଙ୍ଗୀରରେ ୩୫.୨, ଅନୁଗୁଳରେ ୩୫.୧ ଡିଗ୍ରୀ ରେକର୍ଡ଼ କରାଯାଇଛି ।ସେପଟେ, ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ତାପମାତ୍ରା ଆହୁରି ବୃଦ୍ଧି ପାଇବ ବୋଲି କୁହାଯାଇଛି। ତାପମାତ୍ରା ୩ ରୁ ୪ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି କୁହାଯାଇଛି । ଆସନ୍ତାକାଲି ଠୁ ପଶ୍ଚିମା ଝଡ଼ ଉତ୍ତର ପଶ୍ଚିମା ଭାରତକୁ ପ୍ରଭାବିତ ହେବାର ସମ୍ଭାବନା ରହିଛି । ଫଳରେ ଥଣ୍ଡା ପବନ ପ୍ରଭାବ କମିବା ସହିତ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ଆଲର୍ଟ ଜାରି କରାଯାଇଛି ।

## ମତ୍ସ୍ୟଜୀବୀଙ୍କ ପାଇଁ ନାହିଁ ବୀମା ସୁବିଧା, ମାଛଧରା ବନ୍ଦରରେ ବ୍ୟାପକ ଅବ୍ୟବସ୍ଥା

ପାରାଦୀପ,୮ ।୩(ପି.ଏନ): ନାହିଁ ନାହିଁରେ ଚାଲିଛି କୋଟି କୋଟି ଟଙ୍କାର ମତ୍ସ୍ୟ ଶିଳ୍ପ । ରାଜସ୍ୱ ନେଉଛନ୍ତି ରାଜ୍ୟ ଓ କେନ୍ଦ୍ର ସରକାର । ହେଲେ ଦୁର୍ଘଟଣା ଘଟିଲେ ସହାନୁଭୂତି ଦେବାକୁ କେହି ନାହାଁନ୍ତି । ପାରାଦୀପ ନେହେରୁବଙ୍ଗଳା ମାଛଧରା ବନ୍ଦରରେ ଅଗ୍ନିକାଣ୍ଡ କାଣ୍ଡ ପରେ ସାମ୍ନାକୁ ଆସିଛି ସାଂଘାତିକ ସତ୍ୟ । ବୋଟ୍ ବୁଡିଲେ, ପୋଡ଼ିଲେ କି ମତ୍ସ୍ୟଜୀବୀଙ୍କ ମୃତ୍ୟୁ ପାଇଁ ନାହିଁ ଇନସ୍ୟୁରାନ୍ସର ବ୍ୟବସ୍ଥା। ପାରାଦୀପ ମାଛଧରା ବନ୍ଦର ଉପରେ ପାଖାପାଖି ୫୦ ହଜାର ପରିବାର ନିର୍ଭରଶୀଳ। ଏଠାରେ ୬୫୦ଟି ବଡ଼ ସୋନା ବୋଟ୍ ଓ ୪୦୦ରୁ ଉର୍ଦ୍ଧ୍ୱ ଯନ୍ତ୍ର ଚାଳିତ ଡଙ୍ଗା ବା ଟାପା ରହିଛି। ଟାପା ଗୁଡିକ ପ୍ରତ୍ୟେକ ଦିନ ସମୁଦ୍ରକୁ ଯାଇ ମାଛ ଧରି ଫେରୁଥିବା ବେଳେ ବୋଟ୍ ଗୁଡିକ ୧୫ ରୁ ୨୦ ଦିନ ଗଭୀର ସମୁଦ୍ରରେ ରହି ମାଛ ଧରିଥାନ୍ତି ।ନିକ ପାଖାପାଖି ୨୦୦ ରୁ ୨୫୦ ଟନର ମାଛ ଏଠାରେ ବିକ୍ରୟ ହେଉଥିବା ବେଳେ, ୮୫ ଭାଗ ମାଛ ବିଦେଶକୁ ରପ୍ତାନୀ କରାଯାଇଥାଏ । ଯେଉଁଥିରେ କେନ୍ଦ୍ର ଓ ରାଜ୍ୟ ସରକାର ବିଦେଶୀ ମୁଦ୍ରା ଭାବରେ ଲକ୍ଷାଧିକ ଟଙ୍କାର ରାଜସ୍ୱ ପାଇଥାନ୍ତି । କିନ୍ତୁ ଏହି ଶିଳ୍ପ ପ୍ରତି ରାଜ୍ୟ ସରକାର ସବୁବେଳେ ପକ୍ଷପାତିତା କରୁଥିବା ଅଭିଯୋଗ ହେଉଛି। ଅନ୍ୟ ରାଜ୍ୟରେ ଡିଜେଲରେ ରିହାତି ସହିତ ମତ୍ସ୍ୟ ଶିଳ୍ପରେ ଯୋଡ଼ି ହୋଇଥିବା ମତ୍ସ୍ୟଜୀବୀ ମାନଙ୍କୁ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଉଛି। ମାତ୍ର ଓଡ଼ିଶାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସମୁଦ୍ରରେ ଚଳପ୍ରଚଳ କରୁଥିବା କୋଟି କୋଟି ଟଙ୍କାର ବୋଟ୍ ପାଇଁ ନାହିଁ ବୀମା ଯୋଜନା। କି ଏଥିରେ କାର୍ଯ୍ୟ କରୁଥିବା ମତ୍ସ୍ୟଜୀବୀ ମାନଙ୍କୁ ମଧ୍ୟ ବୀମାରେ ଅନ୍ତର୍ଭୁକ୍ତ କରାଯାଏ ନାହିଁ ।ଗତ ଗୁରୁବାର ଦିନ ପାରାଦୀପ ମାଛଧରା ବନ୍ଦରରେ ଅଗ୍ନିକାଣ୍ଡ ଘଟି ୧୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଡଙ୍ଗା ପୋଡି ପାଉଁଶ ହୋଇଯାଇଛି । ଅଗ୍ନିକାଣ୍ଡ ପରେ ମାଛଧରା ବନ୍ଦରର ଅବ୍ୟବସ୍ଥା ସମ୍ପର୍କରେ ସାମ୍ନାକୁ ଆସିଛି ବଡ଼ ତଥ୍ୟ । ବନ୍ଦରର ବୋଟ୍ କ୍ଷମତା ୩୫୦ ରୁ ୪୦୦ ରହିଥିବା ବେଳେ, ଏଠାରେ ୬୫୦ ଟି ସୋନା ବୋଟ୍ ଓ ୪୦୦ ରୁ ଉର୍ଦ୍ଧ୍ୱ ଯନ୍ତ୍ର ଚାଳିତ ଡଙ୍ଗା ରହିଛି ।



ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ, ରାୟଗଡା ଜିଲ୍ଲା 'ପର୍ଯ୍ୟବେକ୍ଷକ' ସାମ୍ବାଦିକା ସନ୍ତୋଷୀ ସାହୁଙ୍କୁ, ଏସ.ପି. ଶ୍ରୀ. ଏସ ସ୍ୱାତି କୁମାର, ରାୟଗଡା କଲେଜ ଅଧକ୍ଷା ବବିଲତା ସୋରଙ୍ଗ ଏବଂ ରାୟଗଡା ତହସିଲଦାର ଶ୍ରୀମତୀ ପ୍ରିୟଦର୍ଶିନୀ ସ୍ୱାଇଁ ଙ୍କ ଦ୍ୱାରା ଉତ୍ତରୀୟ ଏବଂ ପୁଷ୍ପ ଗୁଚ୍ଛ ଦ୍ୱାରା ସମ୍ମାନିତ ।

## ଇସ୍ରାଏଲ ପର୍ଯ୍ୟଟକ ଓ ହୋମ ଷ୍ଟେ ମାଲିକଙ୍କୁ ଗଣଦୁଷ୍କର୍ମ, ଓଡିଶା ଯୁବକଙ୍କ ମୃତଦେହ ଉଦ୍ଧାର



ଭୁବନେଶ୍ୱର,୮ ।୩(ପି.ଏନ): ସମସ୍ତଙ୍କୁ ଦୋହଲାଇ ଦେବା ଭଳି ଭୟଙ୍କର ଘଟଣା ଘଟିଛି। ଗୁରୁବାର ରାତିରେ ୩ ଜଣ ଯୁବକ ଘଟାଇଛନ୍ତି ଜଘନ୍ୟକାଣ୍ଡ। ସେମାନେ ଜଣେ ୨୭ ବର୍ଷୀୟ ଇସ୍ରାଏଲ ପର୍ଯ୍ୟଟକ ଓ ଜଣେ ହୋମ ଷ୍ଟେ ମାଲିକଙ୍କୁ ମାଡ ମାରିବା ସହ ଗଣଦୁଷ୍କର୍ମ କରିଛନ୍ତି। ସେହିପରି ଅଭିଯୁକ୍ତମାନେ ସ୍ଥାନୀୟ ହ୍ରଦକୁ ଓଡିଶାର ଜଣେ ଯୁବକଙ୍କୁ ଠେଲି ଦେଇଥିଲେ। ପୁଲିସ୍ ? ଆଜି ଓଡିଶାର ନିଖୋଜ ଯୁବକଙ୍କ ମୃତଦେହକୁ ଉଦ୍ଧା କରିଛି। ପୂରା ଘଟଣା କର୍ଣ୍ଣାଟକାର କୋପ୍ପାଲ ଠାରେ ଥିବା ଗୋଟିଏ କେନାଲ ନିକଟରେ ଘଟିଛି। ଏହି ସ୍ଥାନଟି ବେଙ୍ଗାଲୁରୁ ଠାରୁ ୩୫୦ କିମି ଦୂର। କେନାଲ କୂଳରେ ମୋଟ ୫ ଜଣ ପର୍ଯ୍ୟଟକ ବୁଲୁଥିବା ବେଳେ ଏପରି ଘଟଣା ଘଟିଛି ।ଅଭିଯୁକ୍ତମାନେ ୩ ଜଣଙ୍କୁ କେନାଲ ମଧ୍ୟକୁ ଠେଲିବା ପରେ ଦୁଇ ମହିଳାଙ୍କୁ ଟାର୍ଗେଟ କରିଥିଲେ। ବିରାଟ କେନାଲରେ ପଡି ଯାଇଥିବା ଆମେରିକାର ଡାନିଏଲ ଓ ମହାରାଷ୍ଟ୍ରର ପଙ୍କଜ ପହଁରା ଶିଖିଥିବାରୁ ସୁରକ୍ଷିତ ଭାବେ ପାଣିରୁ ବାହାରି ପଡିଥିଲେ। କିନ୍ତୁ ଓଡିଶାର ବିବାଶ କେନାଲରେ ନିଖୋଜ ହୋଇଯାଇଥିଲେ। ତାଙ୍କ ମୃତଦେହକୁ ପୁଲିସ୍ ? ଆଜି ପାଣିରୁ ଉଦ୍ଧାର କରିଛି ।ପୁଲିସ କହିଛି ଯେ ସାନାପୁର ଠାରେ ୨ ଜଣ ମହିଳା ଓ ୩ ଜଣ ପୁରୁଷ ଆକ୍ରମଣର ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ବିଦେଶୀ ନାଗରିକ। ଜଣେ ଆମେରିକୀୟ ହୋଇଥିବା ବେଳେ ଆଉ ଜଣେ ଇସ୍ରାଏଲ ପର୍ଯ୍ୟଟକ। ୫ ଜଣଙ୍କୁ ମାଡ ମରାଯିବା ସହ ୨ ଜଣ ମହିଳାଙ୍କୁ ଅଭିଯୁକ୍ତମାନେ ଦୁଷ୍କର୍ମ କରିଛନ୍ତି।

## ଶହେରୁ ଅଧିକ ହିତାଧିକାରୀଙ୍କୁ ୩ ମାସ ହେଲା ମିଳୁନି ଭତ୍ତା



ଆଠଗଡ,୮ ।୩(ପି.ଏନ): ଚମ ଧୁଡୁଧୁଡୁ ସାଙ୍ଗକୁ ମୁଣ୍ଡ ଚୁଟି ପାଚିଗଲାଣି । ଭୋଟ ପରିଚୟ ପତ୍ରରେ ବୟସ ଭୁଲ ଥିବାରୁ ଡାକ୍ତର ସାର୍ଟିଫିକେଟ ଜରିଆରେ ଭତ୍ତା ପାଉଥିଲେ । ହେଲେ ତିନି ମାସ ହେବ ପ୍ରଶାସନ ପକ୍ଷରୁ ସେମାନଙ୍କୁ ବୟସ ହୋଇନଥିବା ଦର୍ଶାଇ ଭତ୍ତା ଦିଆଯାଉନାହିଁ । ଏଭଳି ଅଭିଯୋଗ ଆସିଛି କଟକ ଜିଲ୍ଲା ଆଠଗଡ ବ୍ଲକର କୁମାରପୁର ପଞ୍ଚାୟତରୁ । ଏଠାକାର ୧୦୦ ରୁ ଅଧିକ ହିତାଧିକାରୀଙ୍କ ଭତ୍ତା କାଟି ଦିଆଯାଇଛି । ତେଣୁ ଏ ବୟସରେ କିଭଳି ନିଜର ଗୁଜୁରାଣ ମେଣ୍ଟାଇବେ ସେନେଇ ଆଠଗଡ ବିଡିଓଙ୍କୁ ଭେଟି ଭତ୍ତା ପାଇଁ ନିବେଦନ କରିଛନ୍ତି ହିତାଧିକାରୀ ।କୁମାରପୁର ପଞ୍ଚାୟତରେ ବହୁ ଅଯୋଗ୍ୟ ହିତାଧିକାରୀ ଭତ୍ତା ପାଉଥିବା ନେଇ ଅଭିଯୋଗ ପରେ ୧୦୦ ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ଭତ୍ତା ଟଙ୍କା ସ୍ଥଗିତ ରଖାଯାଇଛି । ଅଞ୍ଚଳକୁ ଏକ ଡାକ୍ତରୀ ଟିମ୍ ପଠାଯାଇ ତଦନ୍ତ କରାଯିବା ପରେ ଭତ୍ତା ଟଙ୍କା ପୂର୍ବ ପରି ମିଳିବ ବୋଲି କହିଛନ୍ତି ବିଡିଓ । ସରକାରୀ ଯୋଜନାରେ ଠିକ ଭାବରେ ତଦନ୍ତ ହୋଇନଥିବାରୁ ବହୁ ଯୋଗ୍ୟ ହିତାଧିକାରୀ ୩ ମାସ ହେଲା ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ଅଛନ୍ତି । ତେଣୁ ତୁରନ୍ତ ଏହି ଘଟଣାରେ ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ଯୋଗାଇଦେବାକୁ ଦାବି ଜୋର ଧରିଛି ।

## ନିର୍ବନ୍ଧ କଲେ ଅନୁଭବ-ଜାଗ୍ରତି, ଆଗକୁ ବାହାଘର !



ଭୁବନେଶ୍ୱର,୮ ।୩(ପି.ଏନ): ଅନେକ ବାଦ ବିବାଦ ପରେ, ବିଭିନ୍ନ ପ୍ରକାର ଆରୋପ ପ୍ରତ୍ୟାରୋପ ପରେ, ଶେଷରେ ଦୁଇ ପ୍ରେମ ପକ୍ଷୀ ବିବାହ ବନ୍ଧନରେ ବାନ୍ଧିହେବାକୁ ଯାଉଛନ୍ତି। ଆଉ ସେ ଦୁଇ ଚର୍ଚ୍ଚିତ ଯୋଡ଼ି ଆଉ କେହି ନୁହଁନ୍ତି ବରଂ ସୁପରଷ୍ଟାର ଅନୁଭବ ମହାନ୍ତି ଓ ତାଙ୍କ ଦିଲ୍ଲୀ ବାନ୍ଧବୀ ଜାଗ୍ରତି ଶୁକ୍ଲା ।ଏବେ ବାନ୍ଧବୀରୁ ଜୀବନସାଥୀ ହେବାକୁ ଯାଉଛନ୍ତି ଜାଗ୍ରତି। ଗତକାଲି ଦୁହେଁ ଏକ ହୋଟେଲରେ ଗ୍ରାଣ୍ଡ ଭାବେ ନିର୍ବନ୍ଧ କରିଥିବା କଥା ସୂଚନା ମିଳିଛି। ଏମିତିକି ଦୁହିଁଙ୍କର ନିର୍ବନ୍ଧ ବେଳର ଫଟୋ ମଧ୍ୟ ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି ।ଯଦିଓ ସେମାନଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। କିମ୍ବା ଅନୁଭବ ଓ ଜାଗ୍ରତଙ୍କ ପକ୍ଷରୁ ଅଫିସିଆଲି ଭାବରେ କୌଣସି ଘୋଷଣା ହୋଇନାହିଁ। ହେଲେ ତାଙ୍କର ନିର୍ବନ୍ଧ ହେବାର ଫଟୋ ଚାରିଆଡେ ଘୂରି ବୁଲୁଛି। ଆଉ ସେ ଖୁବଶୀଘ୍ର ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି ବୋଲି ଚର୍ଚ୍ଚା ହେଉଛି ।ଯଦି ଦେଖିବା କିଛି ଦିନ ତଳେ ଅନୁଭବଙ୍କ ବାୟୋଗ୍ରାଫି ବୁକର ଉନ୍ମୋଚନ ହୋଇଥିଲା। ଆଉ ଯେଉଁ ବହିକୁ ଲେଖିଛନ୍ତି ବାନ୍ଧବୀ ଜାଗ୍ରତି ଶୁକ୍ଲା। ଏହି ବହି ଉନ୍ମୋଚନ ହେବା ପରେ ଅଧିକ ଭାଇରାଲ ହୋଇଥିଲେ ଜାଗ୍ରତି। ବିଭିନ୍ନ ଟିଭି ଚ୍ୟାନେଲ ଓ ୟୁଟ୍ୟୁବ ଚ୍ୟାନେଲର ପୋଡକାଷ୍ଟରେ ବସିଥିଲେ ।ଆଉ ଅନୁଭବ-ଜାଗ୍ରତିଙ୍କ ଭିତରେ ଥିବା ସମ୍ପର୍କ ଏବଂ ସେମାନେ କେବେ ବାହା ହେଉଛନ୍ତି ବୋଲି ତାଙ୍କୁ ପ୍ରଶ୍ନ କରାଯାଇଥିଲା। ହେଲେ ସେ ପ୍ରତ୍ୟେକ୍ଷ ଭାବେ ନକହିଥିଲେ ମଧ୍ୟ ତାଙ୍କ ଇସାରାରୁ ବାରି ହୋଇପଡୁଥିଲା କି ତାଙ୍କର ଅନୁଭବଙ୍କ ସହ ବିବାହ ହେବ। ଆଉ ଏବେ ସେହି କଥା ସତ ପ୍ରମାଣିତ ହେବାକୁ ଯାଉଛି। ବିଶେଷ କରି ତାଙ୍କ ଦୁହିଁଙ୍କ ନିର୍ବନ୍ଧ ଫଟୋ ଭାଇରାଲ ହେବା ପରେ ସେ ଦୁହେଁ ଖୁବ୍ ଶୀଘ୍ର ବିବାହ ବନ୍ଧନରେ ବାନ୍ଧି ହେବେ ବୋଲି ଚର୍ଚ୍ଚା ହେଉଛି।







## ଛାଡ଼ପତ୍ର ଫଟୋସୁଟ୍ !

ଆଜିକାଲି ବିଭିନ୍ନ ଅବସରରେ ଫଟୋସୁଟ୍‌ର ଟ୍ରେଣ୍ଡ୍ ଚାଲିଛି। ବିବାହ ପୂର୍ବରୁ ପ୍ରି-ୱେଡିଂ ଫଟୋସୁଟ୍ ଓ ମାତୃତ୍ୱର ବିଭିନ୍ନ ପର୍ଯ୍ୟାୟର ଫଟୋସୁଟ୍ ଗତ କିଛି ବର୍ଷରେ ବେଶ୍ ଲୋକପ୍ରିୟ ହୋଇଛି। ତେବେ ଜଣେ ମହିଳା ଏବେ ଏକ ଅଜବ ଧରଣର ଫଟୋସୁଟ୍ କରି ନୂଆ ଟ୍ରେଣ୍ଡ୍ ପାଇଁ ଆହ୍ୱାନ ଦେଇଛନ୍ତି; ଯଦିଓ ତାହାକୁ ଅନୁକରଣ କରାଯିବାର ସମ୍ଭାବନା କମ୍। ଲୌରେନ୍ ବ୍ରୁକ୍ ନାମ୍ନୀ ଆମେରିକୀୟ ମହିଳା ଏକ ଚିତାକର୍ଷକ ଲାଲ ପୋଷାକ ପିନ୍ଧି ଏହି ଫଟୋସୁଟ୍ କରିଛନ୍ତି। ବିଭିନ୍ନ ଫଟୋରେ ସେ ନିଜ ବିବାହ ବେଳର ଫଟୋ ଫ୍ରେମ୍‌କୁ ହିଲ୍‌ରେ ଭାଙ୍ଗୁଥିବା, ସାମ୍ପେନ୍ ବୋତଲ୍ ଖୋଲି ଖୁସି ମନାଉଥିବା, ବିବାହ ପୋଷାକ ଓ ପୂର୍ବ ସ୍ୱାମୀଙ୍କ ଫଟୋରେ ନିଆଁ ଲଗାଉଥିବା ଭଙ୍ଗୀରେ ଦେଖାଯାଉଛନ୍ତି। ଏ ଫଟୋସୁଟ୍ ଜରିଆରେ ସେ ସମାଜକୁ ଯେଉଁ ବାର୍ତ୍ତା ଦେବାକୁ ଚାହିଁଛନ୍ତି ତାହା ହେଲା, ଅସୁଖୀ ବିବାହରେ ରହିବା ପରିବର୍ତ୍ତେ ଛାଡ଼ପତ୍ର ଶ୍ରେୟସ୍କର; ଛାଡ଼ପତ୍ରକୁ ନେଇ ଅଧିକ ଦୁଃଖ କରିବାର କୌଣସି କାରଣ ନାହିଁ।

## କିନ୍ନରଙ୍କ ମୃତ୍ୟୁ ପରେ ବୟସ୍କ କିନ୍ନରଙ୍କ ସପ୍ତାହେ ବ୍ରତ କରନ୍ତି

ଦୁନିଆରେ କେତେ ଧର୍ମ ଓ ଜାତିର ଲୋକମାନେ ରହିଥାନ୍ତି। ଏମାନଙ୍କ ମଧ୍ୟରୁ ମାତ୍ର ୩ଟି ଲିଙ୍ଗ ହେଉଛି ପୁରୁଷ, ମହିଳା ଓ କିନ୍ନର। ସମସ୍ତେ ନିଜ ସଂସ୍କାରକୁ ପାଳନ କରିବା ସହିତ ନିଜ ଜୀବନକୁ ନିଜ ଇଚ୍ଛାରେ ବଂଚିବାକୁ ଚାହିଁଥାନ୍ତି। ସମସ୍ତଙ୍କର କାମ କରିବାର ଢ଼ଙ୍ଗ ଏବଂ ଜୀବନ ଶୈଳୀ ଭିନ୍ନ ଭିନ୍ନ ହୋଇଥାଏ। ଆଜି ଆମେ କିନ୍ନରମାନଙ୍କ ଜୀବନଶୈଳୀର ଏକ ସତ ଘଟଣା ବିଷୟରେ କହିବାକୁ ଚାହୁଁଛୁ। ଯେଉଁ କଥାକୁ ଅଧିକାଂଶ ଲୋକ ଜାଣିନଥିବେ। ଏହି କିନ୍ନରମାନଙ୍କ ଚାଲିଚଳଣ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ସବୁଠାରୁ ବଡ କଥା ହେଲା କିନ୍ନରଙ୍କ ଅନ୍ତିମ ସଂସ୍କାର ଅନ୍ୟମାନଙ୍କ ଠାରୁ ଭିନ୍ନ ରହିଥାଏ। କୁହାଯାଏ ଯେ, କିନ୍ନରଙ୍କ ପାଖରେ ଆଧ୍ୟାତ୍ମିକ ଶକ୍ତି ରହିଥାଏ। ଯାହାଫଳରେ ତାଙ୍କୁ ନିଜର ମୃତ୍ୟୁର ଆଭାସ ହୋଇଯାଇଥାଏ। ମୃତ୍ୟୁ ହେବାର ଜାଣିବା ପରେ କିନ୍ନରମାନେ କୁଆଡେ ଯିବା ଆସିବା କରିବା ସହ ଖାଦ୍ୟ ଖାଇବା ମଧ୍ୟ ବନ୍ଦ କରିଦେଇଥାନ୍ତି । ଏହି ସମୟରେ କେବଳ ପାଣି ପିଇଥାନ୍ତି ଓ ଇଶ୍ୱରଙ୍କୁ ନିଜର ଏବଂ ଅନ୍ୟ କିନ୍ନରଙ୍କ ପାଇଁ ପ୍ରାର୍ଥନା କରିଥାନ୍ତି ଆଗାମୀ ଜନ୍ମରେ ଯେପରି ସେମାନେ କିନ୍ନର ହୋଇ ଜନ୍ମ ନ ନିଅନ୍ତି। ଏପରିକି ଆଖପାଖର ଏବଂ ଦୂରରୁ କିନ୍ନରମାନେ ମରୁଥିବା କିନ୍ନରଙ୍କ ଆର୍ଶୀବାଦ ନେବାକୁ ଆସିଥାନ୍ତି। କୁହାଯାଏ ଯେ, ମୃତ୍ୟୁ ଶର୍ଯ୍ୟା ନିକଟରେ କିନ୍ନରଙ୍କ ପ୍ରାର୍ଥନା ଖୁବ୍ ପ୍ରଭାବଶାଳି ରହିଥାଏ । ଶବଯାତ୍ରା ବେଳେ ଶବକୁ ଚାରି କାନ୍ଧରେ ପକାଇ ନେବାର ପରମ୍ପରା ଠାରୁ ଅଲଗା। କୁହାଯାଏ ଯେ, ସାଧାରଣ ଲୋକ ଯଦି କେହି ମୃତ କିନ୍ନରଙ୍କୁ ଦେଖିଦିଏ ତେବେ ମୃତକ ପୁଣିଥରେ ଆରଜନ୍ମରେ କିନ୍ନର ଭାବରେ ଜନ୍ମ ହୋଇଥାଏ। କେହି ଯେପରି ବାହାର ଲୋକ ଦେଖି ନ ପାରିବେ ସେଥିପାଇଁ କିନ୍ନରମାନେ ବିଳମ୍ବିତ ରାତିରେ ଅନ୍ତିମ ସଂସ୍କାର କରିଥାନ୍ତି। ଯଦି ସେମାନେ ଜାଣିପାରନ୍ତି ବାହାର ଲୋକ କେହି ତାଙ୍କର ଅନ୍ତିମ ସଂସ୍କାର ଦେଖୁଛନ୍ତି ତେବେ ସେହି ବ୍ୟକ୍ତି ପାଇଁ ଏହା ଖୁବ ବିପଦଜନକ। କିନ୍ନରମାନେ ନିଜେ ତାଙ୍କର ଜୀବନକୁ ଏତେ ଅଭିଶପ୍ତ ମାନିଥାନ୍ତି ଯେ, ଶବଯାତ୍ରା ପୂର୍ବରୁ ମୃତକଙ୍କୁ ଯୋତା-ଚପଲରେ ପିଟିଥାନ୍ତି ଓ ଗାଳି ମଧ୍ୟ ଦେଇଥାନ୍ତି ଯାହାଫଳରେ ମୃତ କିନ୍ନର ଯଦି ଜୀବିତ ଅବସ୍ଥାରେ କିଛି ଅପରାଧ କରିଥାଏ ତା'ର ପ୍ରାୟଶ୍ଚିତ ହୋଇଯିବ ଓ ଆର ଜନ୍ମରେ ସାଧାରଣ ମଣିଷର ଜନ୍ମ ମିଳିପାରିବ। ନିଜ ସମୁଦାୟର ଗୋଟିଏ ବି କିନ୍ନର ମୃତ୍ୟୁ ପରେ ବୟସ୍କ କିନ୍ନରଙ୍କ ସମୁଦାୟ ୧ ସପ୍ତାହ ପର୍ଯ୍ୟନ୍ତ ବ୍ରତ କରିଥାନ୍ତି ଓ ମୃତକଙ୍କ ପାଇଁ ପ୍ରାର୍ଥନା କରିଥାନ୍ତି। କିନ୍ନରଙ୍କ ଶବକୁ ପୋଡିବା ବଦଳରେ ପୋତା ଯାଇଥାଏ। ଅନ୍ତିମ ସଂସ୍କାର ଗୁପ୍ତ ଏବଂ ସାଧାସିଧା ଭାବରେ କରାଯାଇଥାଏ। ଶବକୁ ଧଳା କପଡାରେ ଗୁଡାଇ ନେଇଥାଏ। ଏହାର ପ୍ରତୀକ ହେଉଛି ମୃତକର ଏହି ଶରୀର ଓ ଏହି ଦୁନିଆଠାରୁ ସବୁ ସମ୍ପର୍କ ତୁଟି ସାରିଛି। ପାଟିରେ ପବିତ୍ର ଗଙ୍ଗାଜଳ ଦେବାର ମଧ୍ୟ ପରମ୍ପରା ରହିଛି।



## ହନି ସିଂ ଏବଂ ଟିନା ଥଡାନୀଙ୍କ ବ୍ରେକଅପ୍

ଗୋଟିଏ ପଟେ ଗାୟକ ତଥା ରାପର ହନି ସିଂ। ତାଙ୍କର ସମସ୍ତ ଗୀତରେ ପ୍ରଶଂସକଙ୍କ ନାଚି ଉଠନ୍ତି। ଅନ୍ୟପକ୍ଷରେ ସେ ଅନେକ ଥର ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଚର୍ଚ୍ଚାରେ ରୁହନ୍ତି। ହନି ସିଂ କିଛି ସମୟ ପୂର୍ବରୁ ଅଭିନେତ୍ରୀ-ମଡେଲ ଟିନା ଥଡାନୀଙ୍କ ସହ ସମ୍ପର୍କରେ ଥିବା ନେଇ କନଫର୍ମ କରିଥିଲେ। କିନ୍ତୁ ଏବେ ଲାଗୁଛି ଯେ ସେମାନଙ୍କ ସମ୍ପର୍କ ବେଶି ଦିନ ଚାଲି ପାରିଲା ନାହିଁ। ରିପୋର୍ଟ ଅନୁଯାୟୀ, ହନି ସିଂ ଏବଂ ଟିନା ଥଡାନି ଉଭୟ ଅଲଗା ରହୁଛନ୍ତି। କେବଳ ଏତିକି ନୁହେଁ ଦୁହେଁ ମଧ୍ୟ ପରସ୍ପରକୁ ସୋସିଆଲ ମିଡିଆରେ ଅନଫଲୋ ମଧ୍ୟ କରିଛନ୍ତି। ଏହା ସହିତ ସୋସିଆଲ ମିଡିଆରେ ସେମାନଙ୍କର ଫଟୋକୁ ଡିଲିଟ୍ କରି ସାରିଛନ୍ତି। ଏଭଳି ପରିସ୍ଥିତିରେ ଉଭୟଙ୍କ ବ୍ରେକଅପ୍ ହେବାର ଖବରକୁ ନେଇ ଆଲୋଚନା ହୋଇଛି। ହେଲେ ଏହାର କାରଣ ବିଷୟରେ କିଛି କୁହାଯାଇ ନାହିଁ। ରିପୋର୍ଟରେ ଏକ ସୂତ୍ରରୁ ପ୍ରକାଶ ଯେ, ସେମାନେ ଜୀବନରେ ଭିନ୍ନ ଜିନିଷ ଚାହାଁନ୍ତି, ଏବଂ ଉଭୟ ବ୍ରେକ୍ଅପ୍ ସହିତ ବହୁତ ମ୍ୟାଚର ଭାବରେ କରିଛନ୍ତି। ଟିନାଙ୍କର ହୃଦୟ ଭାଙ୍ଗିଛି ସେ ବର୍ତମାନ କେବଳ କାର୍ଯ୍ୟ ଉପରେ ଧ୍ୟାନ ଦେଉଛନ୍ତି। ଅନ୍ୟପକ୍ଷରେ, ହନି ସିଂ ବ୍ରେକଅପ୍ ବିଷୟରେ କହିବାକୁ ଦ୍ୱିଧା କରି ନାହିଁ ଏବଂ ସମସ୍ତଙ୍କୁ ଏ ବିଷୟରେ କହିଛନ୍ତି। ଏଥି ସହିତ, ଯେତେବେଳେ ଟିନାଙ୍କ ସହ ଏ ବିଷୟରେ କଥାବାର୍ତ୍ତା କରିବାକୁ ଚେଷ୍ଟା କରାଯାଇଥିଲା, ସେତେବେଳେ ସେ କହିଥିଲେ ଯେ ମୁଁ ଏହା ବିଷୟରେ କିଛି କହିବାକୁ ଚାହେଁ ନାହିଁ।



ଫ୍ୟାଶନେବଲ୍ ଅବତାର ଜରିଆରେ ସର୍ବଦା ଫ୍ୟାନ୍‌ଙ୍କ ଧ୍ୟାନ ଆକର୍ଷଣ କରିଥାନ୍ତି କିଆରା ଆଡ଼ଭାନି। ନିକଟରେ ମୁମ୍ବାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଲାଲ୍ ପୋଷାକରେ ସେ ସବୁରି ମନ କିଣିଛନ୍ତି। ତାଙ୍କ ରେଡ୍ ଓ ସ୍ପାଇସି ଲୁକ୍ ଏବେ ଇଙ୍କନେଟ୍‌ରେ ଭାଇରାଲ ହେଉଛି। ଇନ୍‌ଷ୍ଟାଗ୍ରାମ୍‌ରେ ନିଜ ରେଡ୍ ଆଣ୍ଡ ହଟ୍ ଲୁକ୍‌ର ଫଟୋ ଶେୟାର କରି ୟୁଜରଙ୍କୁ ଶୁଭରାତ୍ରି କହିଛନ୍ତି କିଆରା। ଫଟୋ ଦେଖିବା ପରଠୁ ତାଙ୍କ ପାଖକୁ ପ୍ରଶଂସାର ସୁଅ ଛୁଟୁଛି। କିଆରା ଏବେ 'ସତ୍ୟପ୍ରେମ୍ କି କଥା'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ସମୀର ବିଦ୍ୱାନଙ୍କ ନିର୍ଦ୍ଦେଶନାରେ ନିର୍ମାଣାଧୀନ ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ସାଜିଦ ନାଦିଆଦୱାଲା। ଆସନ୍ତା ଜୁନ୍ ୨୯ ତାରିଖରେ ଏହା ମୁକ୍ତିଲାଭ କରିବ। ଏହି ଫିଲ୍ମ ଜରିଆରେ ପୁଣି ଥରେ କାର୍ତିକ ଓ କିଆରାଙ୍କ ଅନ୍‌ସ୍କ୍ରିନ୍ ରୋମାନ୍ସ ଦେଖିବାକୁ ପାଇବେ ଦର୍ଶକ। ଏହା ପୂର୍ବରୁ ଗତ ବର୍ଷ ମୁକ୍ତିପ୍ରାପ୍ତ 'ଭୂଲ୍ ଭୁଲୈୟା-୨'ରେ ଦୁହିଁଙ୍କ କେମିଷ୍ଟ୍ରି ଦେଖିବାକୁ ମିଳିଥିଲା। ଫିଲ୍ମର ଟାଇଟଲ୍ ପୂର୍ବରୁ 'ସତ୍ୟନାରାୟଣ କି କଥା' ଥିଲା। କିନ୍ତୁ ବିବାଦ ଘେରକୁ ଆସିବା ପରେ ଲୋକଙ୍କ ଭାବନାକୁ ସମ୍ମାନ ଜଣାଇ ଟାଇଟଲ୍ ପରିବର୍ତ୍ତନ କରାଯାଇଛି। ଆଗକୁ ସାଉଥ୍ ଷ୍ଟାର ରାମ ଚରଣଙ୍କ ସହ ଫିଲ୍ମ 'ଗେମ୍ ଚେଞ୍ଜର'ରେ ମଧ୍ୟ ନଜର ଆସିବେ କିଆରା।

## 'ସତ୍ୟପ୍ରେମ୍ କି କଥା' କାର୍ତିକ-କିଆରା




## —'ପ୍ରହେଳିକା'—

ଓହୋ ! ଆଜି ଟିକେ ମନଟା ଶାନ୍ତି ପାଇଲା, ମୁଁ ମୋ ସ୍ୱାମୀ କୁମାରଙ୍କ ସହ ଗାଁରୁ ଫେରିଲି, ଘର ଗଳି ମୋଡରୁ ମୁଁ କାର୍ କାଚ ଖୋଲି ବାସ୍ ଚାହିଁ ରହିଥିଲି ମୋ ପାଖ ଫ୍ଲାଟଟିକୁ ଦେଖିବି। ସେଟା ଘର କମ୍, ପାର୍କ ବେଶୀ ଲାଗେ, ସେ ବଗିଚାର ରଙ୍ଗ ବେରଙ୍ଗୀ ଫୁଲ, ଗଛ, ମହ ମହ ବାସୁଥିବା ମଲ୍ଲି, ଚମ୍ପା ଆଦି ଯେମିତି ମତେ ଖତେଇ ହୁଅନ୍ତି। ହେଲେ ଆଜି ଆଠ ଦିନ ପରେ ଗାଁରୁ ଫେରି ନିଜ ଘର ଆଡେ ନଦେଖି ପାଖ ଘରକୁ ତନଖି କରି ଦେଖିଲି, ଫୁଲ ଗଛ ସବୁ ଝାଉଁଳି ପଡିଛି, ଗେଟ୍‌ରୁ ଘର ଯାଏଁ ପଡିଥିବା ଟାଇଲ୍ ସୁଖିଲା ପତ୍ରରେ ଭରା। ମତେ ଭାରି ଶାନ୍ତି ଲାଗିଲା, ମୋ ଚେହେରାର ସ୍ମିତ ହସ ଦେଖି କୁମାର ପଚାରିଲେ କ'ଣ ନିଜ ଘର ଦେଖି ଖୁସି ହଉଛ ? ମୁଁ କିନ୍ତୁ ମୋ ଖୁସିର କାରଣ ଟା କହିଲି ନାହିଁ, କାରଣ ଆଗରୁ ବହୁଥର ସେ ପାଖ ଘର କଥା କହି ମୋ ସ୍ୱାମୀଙ୍କ ଠାରୁ ପ୍ରବଚନ ଶୁଣି ସାରିଛି। ତେଣୁ ଚୁପ୍ ରହିବା ଶ୍ରେୟ ମଣିଲି।

ମୁଁ ମାନସୀ ଭୁବନେଶ୍ୱର ପୁଣି ଶହିଦନଗରରେ ତିନି ମହଲା କୋଠାର ମାଲିକାଣୀ। ମୋ ଘର ଅଗଣାରେ ବି ବହୁତ ଖାଲି ଜାଗା, ଉପର ଘର ଭଡାଟିଆ ରୁହନ୍ତି, ମୋ ପାଖ ଘରଟା ମୁଁ ଘର ତୋଳିବା ଆଗରୁ ଥିଲା। କେହି ଯିବା ଆସିବା କେବେ ଦେଖିନଥିଲି। ମୋର ଏ ଘରେ ରହିବା ପ୍ରାୟ ୧୦ ବର୍ଷ ହେଲାଣି। ପିଲାମାନେ ବଡ ହୋଇ ଯେଝା ସଂସାର ଧରି ବଡ ବମ୍ବେରେ ତ ସାନ ବାଙ୍ଗାଲୋର୍‌ରେ। ମୋ ସ୍ୱାମୀ ରିଟାୟଡ୍ ପ୍ରଶାସନିକ ଅଧିକାରୀ। ମୋ ଶାଶୁ ଘରେ ବି ମୋରି ରାଜୁତି, କାରଣ କୁମାର ବାପା ମା'ଙ୍କର ଏକମାତ୍ର ପୁଅ । ମୋର କେମିତି ବାହାଘର ହେଲା, କେତେ ଧନ ସମ୍ପତି ମୋ ବାପା ଦେଇଥିଲେ ଏ ସବୁ ମୁଁ ଆମ କାମବାଲି ମାଧ୍ୟମରେ ଆମ ପର ଆଖ ପାଖରେ ପହଂଚାଇ ଦେଇଛି। ତା'ପରେ ଲାଗେ ସମସ୍ତେ ମତେ ଖୁବ୍ ସମ୍ମାନ ଭରା ଚାହାଣୀରେ ଦେଖନ୍ତି। ପାଖ ଘରଟା ବାସ୍ ଗୋଟେ ମହଲା ଘର, ମୋର ସେ ଗଳିର ଦ୍ୱିତୀୟ ଘର, ଉତରା ପବନ ମୋ ଘରକୁ ବେସ୍ ସୁରୁ ଖୁରୁରେ ଆସେ। ହଠାତ୍ ଦିନେ ସକାଳୁ ଗୋଟେ ଟ୍ରକ୍ ଆସି ରହିଲା। ଧୁମ୍ ଧାମ୍ ଶବ୍ଦରେ ଝରକା ବାଟେ ଦେଖିଲି ସେ ପାଖ ଘରେ ଲୋକ ଆସିଛନ୍ତି ରହିବାକୁ। ସନ୍ଧ୍ୟା ଯାଏଁ ଘରେ ଲୋକ ଯିବା ଆସିବା ଲାଗିଥିଲା ସେ ଘରକୁ। ମନେମନେ ସ୍ଥିର କଲି କାଲି ଯାଇ ସେ ଘରେ କିଏ ରହିଲେ, ସବୁ ବୁଝିବି, ମୋ ଘର କାମବାଲି ଟିକେ ଡେରିରେ ଆସେ। ସେ ଆସିଲେ ତାକୁ ପଠେଇ ସେ ଘର ଲୋକ ଭଡାଟିଆ ନା ନିଜେ ମାଲିକ ବୁଝିନେବି, ଏମିତି ଭାବୁ ଭାବୁ ଚା' କରୁଥିଲି, ରୋଷେଇ ଘର ଝରକା ବାଟେ ଦେଖିଲି ସେ ଘର ଗେଟ୍ ଖୋଲି ଗୋଟେ ମଧ୍ୟ ବୟସ୍କା... ନା' ବୋଧେ ତିରିଷ କି ବତିଷ ବର୍ଷର ବେଶ୍ ଡେଙ୍ଗା, ଗୋରା, ସ୍ତ୍ରୀ ଲୋକଟିଏ କାନ୍ଧରେ ଭ୍ୟାନିଟ୍ ବ୍ୟାଗ ପକାଇ ମୋ ଘର ଆଗଦେଇ ଚାଲିଗଲା। ମୋର ଏଡେ ବଡ ସୁନ୍ଦର ଘର ଆଡେ ଟିକେ ଅନେଇଲାନି ମଧ୍ୟ। ଛାଡ କାମବାଲି ଆସୁ, ସବୁ ଖବର ବୁଝିବି। ବେଶ୍ କିଛି ସମୟ ପରେ ଛବି (ମୋ କାମବାଲି) ଆସିଲା, ସେ ଆସୁ ଆସୁ ତାକୁ ପଠେଇଲି ଯା ପାଖ ଘରେ ବୁଝି ଆସିବୁ କିଏ ରହିଲେ, କ'ଣ କରନ୍ତି ଇତ୍ୟାଦି। ସେ ବି ଖୁବ୍ ଆଗ୍ରହରେ ଗୋଟେ ନୂଆ ଘରେ କାମ ପାଇବା ଆଶାରେ ଚାଲିଲା ତାଙ୍କ ଘର ଆଡେ। ହେଲେ ଦୁଇ ମିନିଟ୍‌ରେ ଫେରି ଆସି କହିଲା ମା' ଘରେ ତ ତାଳା ପଡିଛି, ଆଉ ଗେଟ୍‌ରେ ନାମଫଳକ ବି ନାହିଁ ବାସ୍ ଲେଖା ହୋଇଛି "ଶହିଦ୍ ଭବନ"। ଶୁଣୁ ଶୁଣୁ ମୋ ପାଟିରୁ ବାହାରିଲା ଏ କି ନାମ! ମୋ ଘର ନାମ "ସ୍ୱାତୀ ନିଳୟ", ମୋ ଶାଶୁଙ୍କ ନା। ଆଉ ଏ କି ଲୋକ ଯେ ଏମିତି ଗୋଟେ ଅପଦସିଆ ନାଁ ଦେଇଛନ୍ତି କେଜାଣି। ଦିନସାରା ମୋର ଟିଭି ସିରିଏଲ, ୟୁ ଟ୍ୟୁବ୍‌ରେ କଟିଲା। ଯେମିତି ପାଂଚ ବାଜିଲା ମୁଁ ମୋ ଘର ବାରଣ୍ଡାରେ ଲାଗିଥିବା ଦୋଳାୟମାନ ଚେୟାରରେ ଆସି ବସି ପଡିଲି। ସେ ପାଖ ଘର ମହିଳା ବୋଧେ କର୍ମଜୀବି, ସେ ଫେରିଲେ ନିଶ୍ଚୟ ମୋର ଏ ବିଶାଳ ଅଟାଳିକା ଆଡେ ଚାହିଁବେ, ଆଉ ମୁଁ ମୌକା ଦେଖି ତା ନାଁ -ଗାଁ ସବୁ ବୁଝିନେବି, ସନ୍ଧ୍ୟା ଗଡିଲାଣି ହେଲେ ସେ ମହିଳାର ଦେଖାନାହିଁ। ବାସ୍ ଉଠି ଘର ଆଡେ ମୁହାଁଇଲା ବେଳକୁ ସେ ମୋ ଗେଟ୍ ସିଧାରେ, ମୁଁ ବାସ୍ ତାକୁ ଚାହିଁ ରହିଲି କି ସେ ମୋ ଘର ଆଡେ ଚାହିଁଲେ ମୁଁ ଗୋଟେ ହସ ଦେବି ଯେ, ସେ ବଳେ ଠିଆ ହେଇ ନମସ୍କାର କରି ଆପେ ଆପେ ତା' ପରିଚୟ ଦେଇ ଦେବ। ହୁଏତ ମୋ ଠାରୁ କିଛି ଟିପ୍‌ସ ନେଇ ପାରେ। ହେଲେ ସେମିତି କିଛି ହେଲାନି, ସେ ନିର୍ବିକାର ଭାବେ ତା' ଘର ଭିତରକୁ ଚାଲିଗଲା, ମୁଁ ମନେ ମନେ କହିଲି କି ଗର୍ବି ସ୍ତ୍ରୀ ଲୋକଟା, ହାତରେ ଚୁଡି ନାହିଁ କି ମଥାରେ ସିନ୍ଦୁର ନାହିଁ, ବୋଧେ ଅଭିଆଡିଟେ। ହଉ କାଲି ଛବି ଆସୁ! ମୁଁ ମୋ ଘର କାମରେ ଲାଗିଲି, ତା' ପରେ ମୋ ଚିରା ଚରିତ ସିରିୟଲ ଦେଖା। କୁମାର କ୍ଲବ ଯାଇଥିଲେ, ଫେରୁ ଫେରୁ କହିଲେ ଦେଖିଲଣି ମାନସୀ ପାଖ ଘର ଆଗରେ ଟ୍ରଲି ରିକ୍ସାରେ କେତେ ଫୁଲ କୁଣ୍ଡ, ଗଛ ଚାରା ! ମୁଁ ବି ଝରକା ପାଖକୁ ଯାଇ ଦେଖିଲି, ସେ ସ୍ତ୍ରୀ ଲୋକଟି ଚୁଡିଦାର କମିଜ୍‌ଟେ ପିନ୍ଧି ଘର ବାରଣ୍ଡାରେ ଠିଆ ହେଇଛି, ତା' ପାଖରେ ହ୍ୱିଲ୍ ଚେୟାରରେ ଜଣେ ବୟସ୍କ ପୁରୁଷ, ମନେ ମନେ ଭାବିଲି ବାପ-ଝିଅ ହେଇଥିବେ, ହେଲେ ଏତେ ଗୁଡେ ଲାଇଟ୍ କ'ଣ ଲଗେଇଛନ୍ତି ପୁରା ରାସ୍ତା ଯାଏଁ ଆଲୁଅ ପଡୁଛି ! ମୁଁ ତ ପୁରା ଏ ମାମଲାରେ ସିରିୟସ୍। ଯେତିକି କମ୍ ଲାଇଟ୍- ଫ୍ୟାନ ଓ ଟେମ୍ପରେଚର ୪୦ ଡିଗ୍ରୀ ନ ଟପିବା ଯାଏଁ ଏସି ବି ଲଗାଏନି। ସେମିତି ତାଗିଦ୍ ବି ଭଡାଟିଆଙ୍କୁ କରିଛି। ନା' ଲାଇଟ୍ ବାବଦରେ ନୁହେଁ, ସେମାନେ ବିଲ୍ ଦଉଛନ୍ତି, ଜାଳନ୍ତୁ କେତେ ଜାଳିବେ। ପାଣି କିନ୍ତୁ ଦେଖି ଚାହିଁ ଖର୍ଚ୍ଚ କରିବେ କାରଣ ପାଣିଟା ମାଗଣା ଦେବା ଲାଗି ଚୁକ୍ତି କରିଛି ପରା। ହେଲେ ଏ ପାଖ ଘର "ଶହିଦ୍ ଭବନ" ବାଲା କ'ଣ ପାଗଳ କି ? ଏତେ ଲାଇଟ୍, ପୁଣି ଏତେ ଗଛ ଯଦି ଲଗେଇବେ କେତେ ପାଣି ସାରିବେ, ହଉ ତାଙ୍କର ବିଲ୍ ଉଠିବ ମୋର କ'ଣ ଅଛି। ମୁହଁକୁ ବୁଲେଇ ରାତି ଖାଇବା ଲାଗି ବସିଲୁ। କୁମାର ଥଟ୍ଟା କରି କହିଲେ କ'ଣ ପାଖ ଘର ଲୋକେ ତମ ପ୍ରତିପତି ଜାଣିଲେଣି ନା ନାହିଁ ? ମୁଁ ବିରକ୍ତ ହେଇ ଚୁପ୍ ହିଁ ରହିଲି। ଏମିତି ତା' ପରଦିନ ଛବିକୁ ପଠାଇଲି, ସେ ଘର ବିଷୟରେ ବିସ୍ତୃତ ବିବରଣୀ ଆଣିବା ସହ ମୋ ବିଷୟରେ ଟିକେ କହିବ ବୋଲି। ସେ ବେଶ୍ ଅଧ ଘଂଟା ପରେ ଫେରିଲା, ହସ ହସ ମୁହଁରେ କହିଲା ମା' ସେ ଘର ଦିଦି ବହୁତ ଭଲ। ମତେ ଚୌକିରେ ବସିବାକୁ ଦେଲେ, କଫି ବି ଦେଲେ। କାମ କଥା ମନା କଲେ କିନ୍ତୁ କହିଲେ ବଗିଚା କାମରେ ଟିକେ ସାହାଯ୍ୟ କରିବ କି? ମୁଁ ହଁ କହିଲି, ତାଙ୍କ ବାପାଙ୍କ ଆଡେ ଚାହିଁ ପଚାରିଲେ ବାପା ଦିନ ସାରା ଘରେ ଏକଲା ଲାଗୁଛି କି ଏଠି ? କହିବେ ତ ମୁଁ ଛବି ଭଉଣୀକୁ କହି କାହାକୁ ଘରେ ସନ୍ଧ୍ୟା ଯାଏଁ ରଖିଦେବା। ବାପା ତାଙ୍କର ବି କେତେ ଭଲ, କହିଲେ ନା' ମା ତୁ ତ ସବୁ ହାତ ପାଖେ ଖଞ୍ଜି ଦେଇ ଯାଉଛୁ। ଏ ଝିଅଟି ବାସ୍ ବଗିଚା ଟିକୁ ରଙ୍ଗରେ ଭରିବାରେ ସାହାଯ୍ୟ କଲେ ବହୁତ। ମୁଁ ଅଧାରୁ ତାକୁ ଚୁପ୍ କରେଇ ଟିକେ ରୁକ୍ଷ ଗଳାରେ କହିଲି, ହେ କହ ତା' ନାଁ କ'ଣ ? ବାହା ହେଇଛି କି ନା, କି ଚାକିରୀ... ଆଉ ମୋ ବିଷୟରେ କହିଲୁ କି ନାହିଁ। ଛବିର ହସ ବନ୍ଦ ହେଇଗଲା, କହିଲା ମା' ସେ ଦିଦିର କଥା ଏତେ ସୁନ୍ଦର ଯେ, ମୁଁ ସବୁ ଭୁଲିଗଲି, ହଉ କାଲି ସନ୍ଧ୍ୟା ୫ଟାରେ ତାଙ୍କ ସହ ବଗିଚା କାମ କଲାବେଳେ ବୁଝିନେବି। ବେସ୍ ଛଅଟା ମାସରେ ସେ ବଗିଚା ଗୋଟେ ପାର୍କ ହେଇସାରିଥିଲା। ତା'ର ଖାଲି ନା'ଟି ଛବି ବୁଝିଥିଲା "ସୁଜାତା" ବାକି ସେ କୁଆଡେ କଥା ବେଶି ହୁଏନି। ଛଅ ମାସରେ ବହୁ ଚେଷ୍ଟା ସତ୍ତ୍ୱେ ସୁଜାତା ଥରେ ବି କଥା ହେଲାନି, ବାସ୍ ତାକୁ ଘରୁ ୯.୩୦ରେ ଯିବା ଓ ୫ ଟାରେ ଫେରି ସନ୍ଧ୍ୟା ୭ଟା ଯାଏଁ ବଗିଚାରେ ଦେଖେ। ରବିବାର ତ ସେ ବାପ-ଝିଅ ଦିନ ସାରା ବଗିଚା କାମରେ ଲାଗିପଡନ୍ତି। ବସନ୍ତ ଋତୁ କ'ଣ ବୋଧେ ମୁଁ ପ୍ରଥମ ଥର ଅନୁଭବ କଲି। ଛାତ ଉପରୁ ତା ବଗିଚାକୁ ଦେଖେ, କେତେ ଫୁଲ, କେତେ ରଙ୍ଗ ବେରଙ୍ଗ ଗଛ। ବାସ୍ନା ବି ଏମିତି ଖେଳେଇ ହେଇଯାଏ କି ମୋ ତିନି ମହଲା ଛାତ ଯାଏଁ ପହଂଚେ। ସେତେବେଳେ ମୁଁ ମୋ ବଗିଚାକୁ ଦେଖେ ୪ ଟା ନଡିଆ ଗଛ। ଆଉ ତା ବଗିଚାରେ ମହ ମହ ବାସ୍ନା ଓ ମୋ ଭଡାଟିଆଠାରୁ ସ୍ୱାମୀ ପର୍ଯ୍ୟନ୍ତ ତା'ର ବଗିଚାର ପ୍ରଶଂସା ମତେ ଯେମିତି କଂଟା ଫୋଡିଲା ଭଳି ଲାଗୁଥିଲା। ମନେ ମନେ କହୁଥିଲି ସୁଜାତା ନା' ରହସ୍ୟମୟୀ। ଏମିତି ଦିନେ ଅଦିନିଆ ଝଡ ବର୍ଷା ହେଲା, ମୁଁ ପବନ ଦେଖି ଖୁସିରେ ଠାକୁରଙ୍କୁ ଧନ୍ୟବାଦ ଦେଲି, ଏଥର ତା ବଗିଚା ଗଲା, ପ୍ରଭୁ ମୋ କଥା ଶୁଣିଲେ। ବଡ ଆନନ୍ଦରେ ରାତି ପାହିବା ଅପେକ୍ଷାରେ ବହୁତ ଡେରିରେ ଶୋଇଲି। ସକାଳୁ ବି ଟିକେ ଡେରି ହେଲା ଉଠିବାରେ । ଉଠି ଦେଖିଲି ମୋ ସ୍ୱାମୀ ବାରଣ୍ଡାରେ କାହାକୁ ଫୋନ୍‌ରେ ଅନୁରୋଧ କରୁଛନ୍ତି, ଯେମିତି ହଉ ୨ଟା ମୁଲିଆ ଦରକାର। ଗଛ ପଡି ରାସ୍ତା ଅବରୋଧ। ମୁଁ ଭିତରୁ ହିଁ ବଡ ପାଟିରେ କହିଲି ତମର ଏତେ କାହା ଲାଗି ଦରଦ ଦେଖେଇବା ଦରକାର ନାହିଁ, ସେ ପାର୍କ କରି ମତେ ଖତେଇ ହେଉଥିଲା, ଏବେ ନିଜେ ଭୋଗୁ। କୁମାର ରାଗି ଉଠି ଫୋନ୍ କାଟି, ମୋ ହାତଧରି ବାରଣ୍ଡାକୁ ଟାଣି ନେଲେ କହିଲେ ଦେଖ....ମୁଁ ତାଟକା ମୋ ଅଗଣାର ନଡିଆ ଗଛରୁ ୨ଟା ମୁଳରୁ ଉପୁଡି ଏମିତି ପଡିଛି ଯେ ଗେଟ୍ ଖୋଲିବା ବି ଅସମ୍ଭବ। ତଥାପି ମୁଁ ଗୋଡ ଟେକି ସେ ଶହିଦ ଭବନ ଆଡେ ଚାହିଁଲି, ଆରେ ଏ କ'ଣ ସେ ସୁଜାତା ଓ ଛବି ଗଡି ପଡିଥିବା କୁଣ୍ଡ ଗୁଡା ସଜାଡୁଛନ୍ତି, ଆଉ ବାକି ରକମ୍ ରକମ୍ ଫୁଲ ଗଛ ସେମିତି ମତେ ଚାହିଁ ଖତେଇ ହଉଛନ୍ତି। ମନ ମାରି ରହିଲି, ଭଡାଟିଆ ମାନେ ବି ଗୋଟେ ଗୋଟେ କରି ସିଆଡେ ଢ଼ଳିଲେଣି, କିନ୍ତୁ ମୁଁ ତ ସଂଭ୍ରାନ୍ତ ଘରର, ପୁଣି ମୋ ସ୍ୱାମୀ ପ୍ରଶାସନିକ ଅଧିକାରୀ ଥିଲେ ମୁଁ ବା କାହିଁକି ମୋ ଆଡୁ ଯିବି! ସେ ଆସୁନି। ବାସ୍ ଏତିକି କନଫର୍ମ ହେଇଥିଲି ସେ ଭଡାଟିଆ ନୁହେଁ, ସେ ବୁଢ଼ା ଘର ମାଲିକ। ବୁଢ଼ା ତ ହ୍ୱିଲ୍ ଚେୟାରରେ ସେଥିଲାଗି ବଢ଼ିଲା ଝିଅକୁ ବୋଧେ ବାହା ନ ଦେଇ ଘରେ ରଖିଛି।

ଦିନେ ସାହସ କରି ପାଚେରି ଏପଟୁ ପାଟି କରି କହିଲି, ଆଜ୍ଞା ମୋ ପାଚେରି ଆଡେ ଆପଣଙ୍କ ଫୁଲ ଲଟା ମାଡୁଛି, ତାକୁ ନିଜ ପଟେ ରଖ, ନ ହେଲେ ଲୁଣ ପାଣି ଢାଳିଦେବି, ସେ କିଛି କହିଲାନି ବାସ୍ ଚାହିଁଲା ଆଉ କହିଲା ହଉ ଆଜ୍ଞା ମୁଁ କାଢ଼ିଦେବି, ସେମାନେ ତ ଗଛ, ସେ ବା କ'ଣ ଜାଣନ୍ତି ବନ୍ଧ ବାଡ! ହଉ କ୍ଷମା କରିବେ। ତା' ପରେ ଆଉ ସେ କେବେ ନା କଥା ହେଇଥିଲା, ନା ମତେ ମୌକା ଦେଲା କିଛି କହିବାକୁ। ମୋର ମୋ ସ୍ୱାମୀଙ୍କ ସହ ଗାଁକୁ ଯିବାର ଥିଲା, ତ ଛବିକୁ ୧୦ ଦିନ କାମକୁ ନ ଆସିବାକୁ କହି, ଫେରିଲେ ତୋ ଲାଗି ଶାଢ଼ି ଆଣିବି କହିଲି, ସେ ବି ଭାରି ମୁହଁ ଖୋର୍ ସଙ୍ଗେ ସଙ୍ଗେ କହିଲା ନା ମା ଥାଉ, ସୁଜାତା ଦିଦି ଏବେ ୪ ଖଣ୍ଡ ଭଲ ଲୁଗା ଦେଇଛନ୍ତି, ତାକୁ ମୁଁ ବାହା-ବଜାର ଗଲେ ପିନ୍ଧୁଛି। ଆପଣ ଯେଉଁ ଲୁଗା ଦିଅନ୍ତି ସେ ଗୁଡା ବେଶିଦିନ ଘରେ ବି ପିନ୍ଧି ହୁଏନି। ମୁଁ ନିଜକୁ ହାରିବା ଦେଖି ପାରିବିନି, ତ ଛବିକୁ ଧମକଟେ ଦେଲି ଏତେ ଭଲ ସେ ଦିଦି ତ ମୋ ଘର ଓ ମୋ ଭଡାଟିଆଙ୍କ ଘର କାମ ଛାଡି ଦଉନୁ। ସେ ଗୋଡ କଚି ରୋଷେଇ ଘରକୁ ଚାଲିଗଲା। ସକାଳୁ ଆମେ ଦମ୍ପତି ବାହାରେ ବସି ଚାହା ପିଉ। ହେଲେ ଏ ତିନି ମାସରେ ସେ ଶହିଦ ଭବନ ରୁ ଭାସି ଆସୁଥିବା ରକମ-ରକମ ଫୁଲର ବାସ୍ନା ମତେ ଭାରି ଅଣନିଶ୍ୱାସୀ କରି ପକାଉଛି। ଥରେ ଥରେ ତ ତାଙ୍କ ପାଚେରୀ ପାରି ହେଇ ବାଇଗଣୀ ଅପରାଜିତା ଲତା ମୋ ଆଡେ ମାଡି ଆସନ୍ତି ତ ମୁଁ ସିଧା କଇଁଚି ଧରି କାଟି ସେ ଲତା ସବୁ ତାଙ୍କ ପଟକୁ ଫିଙ୍ଗିଦିଏ। ମୁଁ ବାସ୍ ଏସବୁ କରେ କି ସେ ସୁଜାତା ମୋତେ କିଛି କହୁ ଆଉ ମୁଁ ବିଜୟୀ ହେବାର ସ୍ୱାଦଟା ଚାଖେ। ହେଲେ ସେ ଆଉ ତାର ସେ ବୁଢ଼ା ବାପା କିଛି କୁହନ୍ତିନି ବରଂ ହାତ ଯୋଡି ଗଛକୁ କ୍ଷମା ମାଗନ୍ତି, ଗଛ ସହ କଥା ହୁଅନ୍ତି ସତେ କି ତାଙ୍କ ଛୁଆ। ମୋର ଶାଶୁଙ୍କ ଶ୍ରାଦ୍ଧ ଲାଗି ଜାନୁଆରୀ ଶେଷରେ ଗାଁକୁ ଯିବାଟା ଦଶ ବର୍ଷର ଗୋଟେ ରୁଟିନ୍। ଜାନୁଆରୀ ଶେଷ ଶେଷ ଆଉ ତାଙ୍କ ବଗିଚା ଥଣ୍ଡା ପାଗରେ ବେଶ୍ ଫୁଲ ମୟ।

ହେଲେ ଆଜି ୧୦ ଦିନ ପରେ ଫେରି ତା' ବଗିଚା ଅବସ୍ଥା ଦେଖି ବେଶ୍ ଖୁସି ହେଲି। ସନ୍ଧ୍ୟା ଟା ଦେଇସାରି ଛବିକୁ ଫୋନ୍ କଲି ସେ ତୋ ସୁଜାତା ଦିଦି କୁଆଡେ ଗଲେ କି? ଆଉ ତୁ କ'ଣ ତା' ବଗିଚା ଦେଖା ଶୁଣା କରୁନୁ କି? ସେ ବହୁ କଷ୍ଟରେ କହିଲା ମା' ମୋ ଦେହ ବହୁତ ଖରାପ, ସୁଜାତା ଦିଦି ଆଉ ତାଙ୍କ ବାପା ଦିଲ୍ଲୀ ଯାଇଛନ୍ତି ବୋଲି କହିଥିଲେ। ମୁଁ ତା କଥା ଅଧାରେ, ରଖି କହିଲି ହଁ ଦିଲ୍ଲୀ ପ୍ରଧାନ ମନ୍ତ୍ରୀ ଡାକିଥିବେ ତାକୁ ଏମିତି ପାର୍କଟେ କରିଛି ବୋଲି! ହୁଁ ଗାଁକୁ ଯାଉଥିବ, ଲାଜ ଲାଗିବ ବୋଲି ଦିଲ୍ଲୀ କହିଛି, ହଉଛାଡ ତୁ କାଲିଠାରୁ ଆସିଯିବୁ ମୁଁ ଫେରି ଆସିଲିଣି।

ହଠାତ୍ ମୋ ସ୍ୱାମୀ ପାଟି କରି ଡାକିଲେ ଏ ମାନସୀ ଜଲଦି ଆସ, ନିଉଜ ଦେଖ..... ଦେଖ.....ମୁଁ ଅନିଚ୍ଛାରେ ଗଲି, ନିୟୁଜ୍‌ର ଭଲ୍ୟୁମଟା ବଢ଼ାଇ ଦେଲେ ସେ। ଆରେ ଏ କ'ଣ ରାଷ୍ଟ୍ରପତି ଭବନର କ'ଣ ଗୋଟେ ପ୍ରୋଗ୍ରାମ, ଏଁ ଆଗ ଧାଡିରେ କ'ଣ ସେ ସୁଜାତାର ବୁଢ଼ା ବାପା ହ୍ୱିଲ୍ ଚେୟାରରେ! ମୁଁ ଲଥ୍ କିନା ବସିଗଲି, କାନରେ ଠାଏ ଠାଏ ବାଜୁଥାଏ ଓଡିଶା ମାଟି ଗର୍ବିତ ମେଜର ମନୋଜ ମହାନ୍ତିଙ୍କୁ ପାଇ। ଦେଶ ଲାଗି ଲଢ଼ି ସେ ବୟେଠରେ ହୋଇଥିବା ସନ୍ତ୍ରାସବାଦୀଙ୍କ ଗୁଳିମାଡରେ ଟଳିପଡିଲେ, ବାପ-ମାଙ୍କ ଏକମାତ୍ର ପୁଅ, ବାସ୍ ତିନି ମାସର ବୈବାହିକ ଜୀବନ, ସବୁ ପଛରେ ପକାଇ ମେଜର ମନୋଜ ଦେଶ ଲାଗି ଶହିଦ୍ ହୋଇଗଲେ, ଯାହାଙ୍କ ତ୍ୟାଗ ଯୋଗୁ ବୟେର ଅନେକ ବଡ ବଡ ଧ୍ୱଂସ ହେବାରୁ ରକ୍ଷା ପାଇଗଲା, ତାଙ୍କର ଧର୍ମପତ୍ନୀ ସୁଜାତା ମହାନ୍ତିଙ୍କୁ ରାଷ୍ଟ୍ରପତି ତାଙ୍କ ସ୍ୱାମୀଙ୍କ ପରମବୀର ଚକ୍ର ପ୍ରଦାନ କରୁଛନ୍ତି। ମୋ ଆଖିରୁ ଲୁହ ଝରିବାକୁ ଲାଗିଲା, ସୁଜାତା ମଠା ଶାଢ଼ୀ ସେମିତି ଠାକୁରାଣୀ ପରି ଚେହେରା, ନିର୍ବିକାର ନା ହସ ନା କାନ୍ଦ ରାଷ୍ଟ୍ରପତିଙ୍କଠାରୁ ସ୍ୱାମୀଙ୍କ ଲାଗି ଏତେବଡ ପୁରସ୍କାର ଗ୍ରହଣ କରୁଥିଲା, ଟିଭି ବାଲା ବି ଜୁମ୍ କରି ତା' ମୁହଁ ଆଡେ କ୍ୟାମେରା ଟା କରିଦେଲେ, ତା' ଆଖି ଯେମିତି ମୋ ଆଖିରେ ମିଶି ଯାଉଥାଏ, ଯେମିତି ଏ ଆଖି ମୋତେ ଅନେକ ପ୍ରଶ୍ନ ପଚାରୁଛି, ମୁଁ ଭୋ ଭୋ କି କାନ୍ଦିବାକୁ ଲାଗିଲି, ମୋ ସ୍ୱାମୀ ହତବାକ୍ ହେଇ ପଚାରୁଥିଲେ କ'ଣ ହେଲା ମାନସୀ? ମୁଁ ସେମିତି କାନ୍ଦି କାନ୍ଦି କହୁଥିଲି ଆମ ନାତି ଯେଉଁ ସ୍କୁଲରେ ପଢୁଛି, ସେ ସ୍କୁଲକୁ ସନ୍ତ୍ରାସବାଦୀଙ୍କ କବଳରୁ ଏଇ ମେଜର ମନୋଜ ହିଁ ରକ୍ଷା କରିଥିଲେ। ସେ ମରି ମୋ ନାତି ପରି କେତେ ଛୁଆଙ୍କୁ ଜୀବନ ଦେଲେ। ଧିକ୍ ମୋ ଜୀବନ, ମାତ୍ର ତିନିମାସର ବିବାହିତା ଗୋଟେ ଶହିଦ୍‌ର ବିଧବା ଆଉ ଶ୍ୱଶୁରଙ୍କ ଦାୟିତ୍ୱ ନେଇ ବାସ୍ ନିଜ ଗଛ ଲତାକୁ ନିଜ ଛୁଆ ଭଳି ସ୍ନେହ ବାଢ଼ୁଛି, ବାସ୍ ନିଜ ଭିତର ଦୁଃଖକୁ ରଙ୍ଗ ବେରଙ୍ଗ ଫୁଲ ବଗିଚାରେ ଭରି ସେ ତା ଜୀବନର ବେରଙ୍ଗତାକୁ ଲୁଚାଇ ଚାଲିଥିଲା ଆଉ ମୁଁ କେତେ ନିଚ କଥା ସବୁ ଛି.....ଛି.....

ବାସ୍ ସକାଳୁ ଉଠି ଆଉ ଚା ନ କରି ମୋ ସ୍ୱାମୀଙ୍କୁ ଡାକିଲି ଆସ, ସେ ପଚାରିଲେ କୁଆଡେ? ଶହିଦ୍ ଭବନକୁ ସେ ନ ଫେରିବା ଯାଏଁ, ଆମ ପାଣି ପାଇପଟା ପାଚେରୀ ପାରକରି ବଗିଚାକୁ ଜୀବନ ଦେବା। ମୋ ସ୍ୱାମୀ ତାଟକା... ତଥାପି ଚାଲିଲେ। ମୁଁ ଗଛଗୁଡିକୁ ପାଣି ଦେବାରେ ଲାଗିଲି, ମନେମନେ କହୁଥିଲି ଏ ଶହିଦ୍ ଭବନରେ ଆଉ ଗୋଟେ ଲତାକୁ ବି ମରିବାକୁ ଦେବିନି, ସେତିକି ବେଳେ ଛବି ଆସିଲା, ଆରେ ମା' ଏ କ'ଣ ଆପଣ ଠିକ୍ ଅଛନ୍ତି ତ? ତାକୁ କହିଲି ହଁ ଏବେ ଠିକ୍ ଅଛି, ଆଗରୁ ସେ ପ୍ରହେଳିକା କାଲି ମୋ ଆଖିରୁ ଲୁହ ହେଇ ବୋହି ଯାଇଛି, ଆ' ତୁ ବି ଲାଗିପଡ, ଘର କାମ ପରେ ହବ। ଏ ଶହିଦ୍ ଭବନ ସବୁ ବେଳେ ଫୁଲ, ପତ୍ର, ରଙ୍ଗ, ବାସ୍ନାରେ ଭରି ରଖିବା ଦାୟିତ୍ୱ ଆମର.......

# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ



ବାଲେଶ୍ୱର (ପିଏନ)- ଶିଶୁ ଶ୍ରମ ନିରାକରଣ, ଶିଶୁମାନଙ୍କ ଅଧିକାର ଏବଂ ବେଆଇନ ଭାବେ ଶିଶୁଙ୍କୁ କାର୍ଯ୍ୟରେ ନିୟୋଜନ ପାଇଁ ଆଇନରେ ରହିଥିବା ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏକ "ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ" ଆଜି ପୂର୍ବାହ୍ନରେ ସ୍ଥାନୀୟ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରୁ ଯାତ୍ରା ଆରମ୍ଭ କରିଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି । ଓଡିଶା ସରକାରଙ୍କ ଶ୍ରମ ଓ ରାଜ୍ୟ କର୍ମଚାରୀ ବିଭାଗ, ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଶିଶୁ ଶ୍ରମିକ ଉଚ୍ଛେଦ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏହି ରଥ ଜିଲ୍ଲାର ବିଭିନ୍ନ ସହରାଂଚଳ ଓ ବ୍ଲକ ଗସ୍ତ କରି ଲୋକମାନଙ୍କୁ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କରେ ସଚେତନ କରିବ । ୧୪ ବର୍ଷ ପୂର୍ଣ୍ଣ କରି ନ ଥିବା ଶିଶୁଙ୍କୁ କୌଣସି ପ୍ରକାର ବୃତି ଏବଂ ପ୍ରକ୍ରିୟାରେ ତଥା ୧୫ ବର୍ଷରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦସଙ୍କୁଳ ବୃତି ଓ ପ୍ରକ୍ରିୟାରେ ନିୟୋଜନ କରିବା ଏକ ଧର୍ତବ୍ୟ ଅପରାଧ ହୋଇଥିବା ବେଳେ ଏପରି ନିୟୋଜନ କରିଥିବା ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହ କାରାଦଣ୍ଡ ପାଇଁ ଆଇନରେ ବ୍ୟବସ୍ଥା ରହିଛି । କିଛି ଦିନର ସଚେତନତା କାର୍ଯ୍ୟକ୍ରମ ପରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ଅଂଚଳରେ ଚଢଉ ଆରମ୍ଭ କରାଯାଇ ଜିଲ୍ଲାରେ ଶିଶୁ ଶ୍ରମିକଙ୍କ ବାସ୍ତବିକ୍ ସ୍ଥିତିର ଆକଳନ କରାଯିବା ସହିତ ଆଇନ ଉଲ୍ଲଙ୍ଘନ କ୍ଷେତ୍ରରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀ ଅଜୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଏହି ଅବସରରେ ଆମ ଜିଲ୍ଲା ତଥା ରାଜ୍ୟକୁ ଶିଶୁ ଶ୍ରମ ମୁକ୍ତ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ସମସ୍ତଙ୍କ ସହଯୋଗ କାମନା କରିଥିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ବୃନ୍ଦାବନ ସେଠୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ୫-ଟି ଯୋଜନାରେ ବଦଳୁଛି ସ୍କୁଲର ନକ୍ସା, ସୁଦୃଢ ହେଉଛି ଶିକ୍ଷା ବ୍ୟବସ୍ଥା



ଧର୍ମଶାଳା (ପିଏନ): ବିଦ୍ୟାଳୟଗୁଡିକର ଭିତିଭୂମିକୁ ସୁଦୃଢ଼ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ପାଇଁ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟରେ ରାଜ୍ୟ ସରକାର ୫-ଟି ମାଧ୍ୟମରେ ସବୁ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଏହି ୫-ଟି ମାଧ୍ୟମରେ ରୁପାନ୍ତରିତ ସ୍ମାର୍ଟ କ୍ଲାସ ରୁମରେ ବସି ପାଠ ପଢ଼ିବା ସହିତ ଅତ୍ୟାଧୁନିକ ବ୍ୟବସ୍ଥାକୁ ଦେଖି ଖୁସି ଜାହିର କରୁଛନ୍ତି ଛାତ୍ରଛାତ୍ରୀ। ଧର୍ମଶାଳା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୬ଟି ହାଇସ୍କୁଲ ରୂପାନ୍ତରଣ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୫ଗୋଟି ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି। ଚକାଚକ୍ କ୍ଲାସ ରୁମ୍। ରୂପାନ୍ତରିକରଣ ପରେ ବଦଳୁଛି କ୍ଲାସ ରୁମର ନକ୍ସା। ଛାତ୍ରଛାତ୍ରୀମାନଙ୍କ ପଢିବା ପାଇଁ ସୁନ୍ଦର ବେଂଚ୍ ଓ ଡେକ୍ସର ବ୍ୟବସ୍ଥା ସହ ଅତ୍ୟାଧୁନିକ ଜ୍ଞାନ କୌଶଳର ବିନିଯୋଗ ହୋଇଛି। ଏହି ଯୋଜନାରେ ଧର୍ମଶାଳା ବ୍ଲକ ଜାରକା ପଂଚାୟତର ଅମରେଶ୍ୱରୀ ଉଚ୍ଚ ବିଦ୍ୟାଳୟ ସୁନ୍ଦର ପରିବେଶ ସାଙ୍ଗକୁ ଶିକ୍ଷା ପ୍ରତି ପିଲାମାନଙ୍କୁ ଆକୃଷ୍ଟ କଲା ଭଳି ବ୍ୟବସ୍ଥାକରାଯାଇଛି । ଏଠାରେ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇଁ ସ୍ମାର୍ଟ କ୍ଲାସ ରୁମ୍, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ଲ୍ୟାବ, କମ୍ପ୍ୟୁଟର ହଲର ବ୍ୟବସ୍ଥା ହୋଇଛି। ଡିଜିଟାଲ ବୋର୍ଡରେ ପାଠପଢି ସ୍ମାର୍ଟ ହେଉଛନ୍ତି ଛାତ୍ରଛାତ୍ରୀ। ନୂଆ ରୂପରେ ହାଇସ୍କୁଲ ଝଲସୁଥିବା ବେଳେ କ୍ଲାସ ରୁମରେ ଅତ୍ୟାଧୁନିକ ବ୍ୟବସ୍ଥାକୁ ଦେଖି ଖୁସି ଜାହିର କରିଛନ୍ତି ଛାତ୍ରଛାତ୍ରୀ। ରାଜ୍ୟ ସରକାରଙ୍କ ଏଭଳି ଶିକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରୁଛନ୍ତି ଅଧ୍ୟୟନରତ ଛାତ୍ରଛାତ୍ରୀ, ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକ। ବିଦ୍ୟାଳୟରେ କେବଳ ପାଠପଢା ନୁହେଁ ଏହି ବ୍ୟବସ୍ଥାରେ ଆନୁସଙ୍ଗିକ ଉପକରଣ ସହ ଶାରିରୀକ ଶିକ୍ଷା ପ୍ରତି ମଧ୍ୟ ଧ୍ୟାନ ଦିଆଯାଉଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ବିଭିନ୍ନ ସ୍କୁଲର ରୂପାନ୍ତରଣ କାର୍ଯ୍ୟ ବୁଲି ଦେଖିବା ସହିତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି।

# କନକମଂଜରୀ ମହାବିଦ୍ୟାଳୟରେ ଉତ୍ତର କହିଛନ୍ତି ଅଧ୍ୟାପକ



ଘଷିପୁରା (ପିଏନ୍): ଆନନ୍ଦପୁର ଉପଖଣ୍ଡ ଶାଳପଡା ସ୍ଥିତ କନକ ମଂଜରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତଦୁଇ ପରୀକ୍ଷା ଚାଲିଥିଲା ଏବଂ ଏହା ହୋଇଥିଲା ଏକ ହବ୍ ସେଣ୍ଟର ଯେଉଁଠି କି ପରୀକ୍ଷାର୍ଥୀଙ୍କୁ ଉତ୍ତର ଡାକି ଦେଇଥିଲେ ଅଧ୍ୟାପକ। ଏଭଳି ଏକ ସଙ୍ଗୀନ ଅଭିଯୋଗ ଇ ମେଲ ଦ୍ୱାରା ଶିକ୍ଷା ବିଭାଗକୁ ଜଣାଇଛନ୍ତି ଜଣେ ଅଭିଭାବକ ଅଳୀ ପ୍ରଧାନ । ଅଭିଯୋଗକାରିଣୀ ଅଳୀ ପ୍ରଧାନଙ୍କ ଝିଅ କହିବା ଅନୁସାରେ କଲେଜରେ ସିସିଟିଭି ଲାଗିଥିବା ସତ୍ତ୍ୱେ ଅଧ୍ୟାପକମାନେ ଉତ୍ତର ଡାକି ଦେଉଥିଲେ। ଫଳରେ ସେମାନେ ୧୫ଜଣ ଝିଅ ଯୁକ୍ତଦୁଇ ପରୀକ୍ଷା ଦେଉଥିବା ବେଳେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସେହି ୧୫ ଝିଅ ଅଧକ୍ଷ ଶ୍ରୀ ପ୍ରଦୀପ ମହାନ୍ତିଙ୍କୁ ଯାଇ ଅନୁରୋଧ କରିଥିଲେ ଏବଂ ସେହି ୧୫ଜଣ ଝିଅଙ୍କୁ ଅଲଗା ଗୋଟିଏ ରୁମ୍‌ରେ ପରୀକ୍ଷା କରାଇବାକୁ କହିଥିଲେ। କାରଣ ଏଭଳି ଉତ୍ତର ଡାକିଲା ବେଳେ ସେମାନଙ୍କର ଏକାଗ୍ରତା ଭଙ୍ଗ ହେଉଥିଲା। ଅଧକ୍ଷ ଶ୍ରୀ ମହାନ୍ତି ସେହି ଛାତ୍ରୀମାନଙ୍କ କଥାକୁ ଭୃକ୍ଷେପ ନକରିବାରୁ ସେହି ୧୫ଜଣ ଛାତ୍ରୀ ଶିକ୍ଷା ବିଭାଗକୁ ଇମେଲ ଜରିଆରେ ଅଭିଯୋଗ କରିଥିବା ଜଣାପଡିଛି ।

# ଝୁମ୍ପୁରା ପଂଚାୟତ ସମିତିର ବୈଠକ ଅନୁଷ୍ଠିତ



କେନ୍ଦୁଝର (ପିଏନ): ଝୁମ୍ପୁରା ପଂଚାୟତ ସମିତି କାର୍ଯ୍ୟାଳୟରେ ନିକଟରେ ଅନୁଷ୍ଠିତ ହୋଇଯାଇଛି ପଂଚାୟତ ସମିତିର ବୈଠକ। ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସଦର ବିଧାୟକ ମୋହନଚରଣ ମାଝୀ, ସ୍ଥାନୀୟ ବିଡିଓ ବିଜୟ କୁମାର ନାୟକ, ବ୍ଲକ ଉପାଧକ୍ଷ ମାନସରଂଜନ ବିଶ୍ୱାଳ, ଏବିଡିଓ ଚୁନୁ ହାଁସଦାଃ, ସହକାରୀଯନ୍ତ୍ରୀ କୃଷ୍ଣଚନ୍ଦ୍ର ସାହୁ , ବ୍ଲକ ସ୍ତରୀୟ ସମସ୍ତ କନିଷ୍ଠ ଯନ୍ତ୍ରୀ, ଶିଶୁବିକାଶ ବିଭାଗ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ଉଦ୍ୟାନ ବିଭାଗ, କୃଷି ବିଭାଗ,ମତ୍ସ୍ୟ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ବିଦ୍ୟୁତ ବିଭାଗର ଅଧିକାରୀ ଗଣ ଉପସ୍ଥିତ ରହିଥିଲେ। ବୈଠକରେ ଝୁମ୍ପୁରା ବ୍ଲକର ୨୨ଗୋଟି ଗ୍ରାମ ପଂଚାୟତର ସରପଂଚ, ସମିତି ସଭ୍ୟ/ସଭ୍ୟାଙ୍କ ସହିତ ୩ଟି ଜୋନର ଜିଲା ପରିଷଦ ସଭ୍ୟ ଯୋଗ ଦେଇଥିଲେ । ବୈଠକରେ ମନରେଗା ଏବଂ ଗ୍ରାମାଚଂଳରେ ପାନୀୟ ଜଳ ସମସ୍ୟା ନେଇ ଉଦ୍‌ବେଗ ପାଇଥିବା ବେଳେ ଅଙ୍ଗନବାଡୀ କେନ୍ଦ୍ରଗୁଡିକରେ ନିୟମିତ ଖାଦ୍ୟ ଏବଂ ସଠିକ୍ ପରିମାଣ ଅଣ୍ଡା ଦିଆଯାଉ ନଥିବା ଅଭିଯୋଗ ହୋଇଥିଲା । ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା,ଭତା ସମ୍ପର୍କିତ ବିଭିନ୍ନ ପଂଚାୟତ ପ୍ରତିନିଧିଙ୍କ ସମସ୍ୟାଗୁଡିକ ଉପରେ ସବିଶେଷ ଆଲୋଚନା କରାଯାଇ ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ପ୍ରସ୍ତାବ ଗୃହିତ ହୋଇଥିଲା।

# ମହିଳାମାନଙ୍କ ରୋଜଗାରର ମାଧ୍ୟମ ସାଜିଛି ଧୂପକାଠି



ଖୋର୍ଦ୍ଧା (ପିଏନ)- ବୋଲଗଡ ବ୍ଲକ ଗେଡିଆପଲ୍ଲୀ ପଂଚାୟତ ଅନ୍ତର୍ଗତ ସାଲତରା ଗ୍ରାମରେ ୨୦୧୮ ମସିହାରୁ ଯାଜ୍ଞସେନୀ ପ୍ରତ୍ୟୁସର ମହିଳା ଗ୍ରୁପ ଓରମାସ ସହଯୋଗରେ ଭଡାଘରେ ଧୂପକାଠି ତିଆରି କରି ମହିଳାଙ୍କୁ ଆତ୍ମନିର୍ଭରଶୀଳ କରି ପାରିଛି । ଯାହାକି ୬ ଟି ମେସିନରେ ୩୦ ଜଣ ମହିଳା ସିଫ୍ଟ ଅନୁଯାଇ ଦିନକୁ ୩ କ୍ୱିଂଟାଲ ଧୂପକାଠି ବାହାର କରି ଖରାରେ ଶୁଖାଇ ଝୁଣା, ଗୁଗୁଳ, କସ୍ତୁରୀ ଓ ଚନ୍ଦନ ବତୀ କରି ବିଭିନ୍ନ ଓଜନର ପ୍ୟାକେଟ ପ୍ରସ୍ତୁତ କରିଥାନ୍ତି। ଏହା ଅଧକିଲୋ ପ୍ୟାକେଟରେ ୫ଶହ ଧୂପକାଠିକୁ ୧ ଶହ ଟଙ୍କାରେ ବିକ୍ରୀ କରିଥା'ନ୍ତି। ଏହି ବତୀଗୁଡିକ ନିର୍ମାଣରେ ବ୍ୟବହୃତ ହେଉଥିବା କଂଚାମାଲ ଯଥା: ବାଉଁଶକାଠି,କୋଇଲା ଗୁଣ୍ଡ (ଚାର୍ପୁଲ) ଓ ଉଡ ପାଉଡର ଦି ଗ୍ରେଡ(ଜୋଶ ପାଉଡର)କୁ କଟକ ଜିଲ୍ଲା ଜଗତପୁରଠାରୁ ଆଣିଥାନ୍ତି। ଏହା କମ ଦରରେ ଅଧିକ କାଠି ରହିଥିବାରୁ ବିଭିନ୍ନ ବ୍ୟବସାୟୀମାନେ କିଣିନେଇଥାନ୍ତି। ଏତଦ୍‌ବ୍ୟତୀତ ବିଭିନ୍ନ ଜିଲ୍ଲାରେ ହେଉଥିବା ଓରମାସର ପଲ୍ଲିଶ୍ରୀ ମେଳାରେ ଯୋଗଦେଇ ବିକ୍ରୀ କରିଥାନ୍ତି ବୋଲି ସଭାପତି ଝରଣା ଦଳେଇ ଓ ସମ୍ପାଦକ ସୁଶ୍ରୀ ସଙ୍ଗୀତା ନାୟକ କହିଛନ୍ତି। ଯଦି ସରକାରଙ୍କ ପକ୍ଷରୁ ଅଧିକ ସହଯୋଗ ମିଳିବ ତେବେ ନିଯୁକ୍ତିର ହାର ବଢିବା ସହ ଉତ୍ପାଦନ ଶକ୍ତି ବଢିପାରିବ ବୋଲି ସେମାନେ ଆଶା କରିଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ମାର୍ଚ୍ଚ ୯

# ଶ୍ରୀକ୍ଷେତ୍ରରେ ଦୋଳପର୍ବ ଓ ଏହାର ବୈଶିଷ୍ଟ୍ୟ



ଉମାଶଙ୍କର ପ୍ରସାଦ

ଓଡିଶାର ଧର୍ମ ଜଗନ୍ନାଥ ଧର୍ମ ଓ ସଂସ୍କୃତି ଜଗନ୍ନାଥ ସଂସ୍କୃତି। ତିନି ଦେବତାଙ୍କ ପ୍ରତୀକଭାବେ ଯେଉଁ ସଂସ୍କୃତି ମୁଣ୍ଡ ଟେକିଲା, ତାହା ଜଗନ୍ନାଥ ସଂସ୍କୃତିଭାବେ ସର୍ବଜନ ବିଦିତ। ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସାମ୍ୟ,ମୈତ୍ରୀ ହିଁ ଜଗନ୍ନାଥ ସଂସ୍କୃତି। ଲୋକନାଥ ବିଦ୍ୟାଧର ରଚିତ ଗ୍ରନ୍ଥ ନୀଳାଦ୍ରି ମହୋଦୟରେ 'ଦୋଳ ଉତ୍ସବ'ର ବର୍ଣ୍ଣନା ଭକ୍ତ ଭଗବାନଙ୍କର ଅପୂର୍ବ ବିଳନ ସହିତ ଛୁଆଁ ଅଛୁଆଁ, ଉଚ୍ଚ ନୀଚ, ଭେଦଭାବ ଦୂର କରି ତାଙ୍କୁ ସମସ୍ତେ ଦର୍ଶନ କରନ୍ତି। ତେଣୁ କଥାରେ ଅଛି:-

ଦୋଳେଷ୍ଟ ଦୋଳ ଗୋବିନ୍ଦ
ଚପେଷ୍ଟ ମଧୁସୂଦନ।।
ରଥେ ତୁ ବାମନ ଦୃଷ୍ଟ୍ୱା
ପୁନର୍ଜନ୍ମ ନ ବିଦ୍ୟତେ।।

ଫାଲଗୁନ ମାସ ଅମାବାସ୍ୟାଠାରୁ ଚୈତ୍ରମାସ ବା ମଧୁମାସର ପ୍ରାରମ୍ଭ ହୋଇଥାଏ। ଫାଲଗୁନ ମାସ ପୂର୍ଣ୍ଣୀମାର ଦୋଳ ଉତ୍ସବ ପ୍ରକୃତି ଓ ପୁରୁଷର ମିଳନାତ୍ମକ ବାସନ୍ତୀକ ରାସୋତ୍ସବର ପ୍ରତୀକ। ଏହି ଦୋଳଯାତ୍ରା ଓଡିଶାର ପୁରପଲ୍ଲୀରେ ରାଜଦୋଳ, ପଂଚୁ ଦୋଳ,ଛ'ଦୋଳ, ସାତ ଦୋଳ, ଦଶ ଦୋଳ ଇତ୍ୟାଦି ଫାଲଗୁନ ପୂର୍ଣ୍ଣମୀଠାରୁ ପାଳନ କରାଯାଇଥାଏ। ଫଗୁ ଦଶମୀଠାରୁ ଦୋଳପର୍ବ ଆରମ୍ଭ ହୁଏ। ଦଶମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଯେତେଦିନ ଦୋଳପର୍ବ ପାଳନ କରାଯାଇଥାଏ, ତାହା ଭିନ୍ନ ଭିନ୍ନ ନାମରେ ନାମିତ ହୋଇଥାଏ। ଏହି ଦୋଳଯାତ୍ରା ସଂସ୍କୃତରେ "ଚର୍ଚ୍ଚରୀ" ବା "ଚାଚେରୀ" ନାମରେ ଅଭିହିତ। ତେଣୁ ଓଡିଶାରେ ସର୍ବତ୍ର ରାଧାକୃଷ୍ଣ, ଶିବପାର୍ବତୀ, ଲକ୍ଷ୍ମୀନାରାୟଣ, ଯୁଗଳମୂର୍ତ୍ତୀର ବାସନ୍ତୀକ ଦୋଳ ଉତ୍ସବ ପାଳନ ହୋଇଥାଏ। ଉତର ପ୍ରଦେଶର ମଥୁରା, ବୃନ୍ଦାବନ, ଦ୍ୱାରକାରେ ରାଧକୃଷ୍ଣଙ୍କ ଲୀଳାର ଅନୁପମ ରାସସ୍ଥଳୀରେ ଦୋଳ, ହୋଲି ପାଳିତ ହୁଏ। ଶ୍ରୀ ରାଧାଙ୍କ ହଜି ଯାଇଥିବା କର୍ଣ୍ଣାଳାଙ୍କର ଖୋଜିବା ମଧରେ ମିଳନ ଉତ୍ସବର ଆରମ୍ଭ। ଫାଲଗୁନ ମାସ ପୂର୍ଣ୍ଣୀମା ତିଥିରେ ବ୍ରଜ ଗୋପାଗଣମାନେ ଗୋମାତାଙ୍କ ଜନ୍ମ ଉତ୍ସବ ଘରେ ଘରେ ମହା ଆନନ୍ଦ ସହକାରେ ପାଳନ କରି ଗୋମାତାଙ୍କୁ ବନ୍ଧାପନା କରନ୍ତି।

ଦୋଳପର୍ବ ଓଡିଶାର ଜନମାନସର ପର୍ବ। ଦୋଳପର୍ବରେ ଗୋପାଙ୍ଗନାମାନେ ତାଙ୍କର ପ୍ରିୟତମ ଶ୍ରୀକୃଷ୍ଣଙ୍କ ସହିତ ଚାଚେରୀ ଖେଳି ବାହରନ୍ତି। ଗାଁ ଗହଳି ଦାଣ୍ଡମାନଙ୍କରେ ମେଳନ ପର୍ବ ପାଳନ ହୋଇଥାଏ। ଠାକୁରମାନଙ୍କୁ ବ୍ରାହ୍ମ ମୂହୁର୍ତରେ ଦୋଳ ବିମାନରେ ବସାଇ ଖୋଳ, ତାଳ, ଝାଞ୍ଜ, ମସାଲ, ଛତ୍ରିତ୍ରାସ, ସଂକୀର୍ତନ ସହ ମେଳନ ପଡିଆକୁ ଅଣାଯାଏ। ଠାକୁରମାନଙ୍କୁ ସୁଗନ୍ଧ ପୁଷ୍ପ କେତକୀ ଓ ନୂଆ ଆମ୍ବ କଷିମାନ ଲାଗି କରାଯାଇଥାଏ। ଭକ୍ତମାନଙ୍କ ନିମନ୍ତ୍ରଣ କ୍ରମେ ଠାକୁରଙ୍କୁ ପନ୍ତିଭୋଗ ଦିଆଯାଇଥାଏ। ଏହି ଦୋଳପର୍ବର ପ୍ରାଚୀନତା ସମ୍ପର୍କରେ ପଦ୍ମପୁରାଣ, ସ୍କନ୍ଦପୁରାଣ, ହରିଭକ୍ତ ବିଳାସ, ବ୍ରହ୍ମାଣ୍ଡ ପୁରାଣ, ଗୋପାଳ ଓଗାଳ, ଋତୁ ସଂହାର, ଅନଙ୍ଗୋତ୍ସବ ଇତ୍ୟାଦିରେ ବିଶଦଭାବରେ ବର୍ଣ୍ଣିତ ହୋଇଛି। ଓଡିଶାର ରାଷ୍ଟ୍ର ଦେବତା ଶ୍ରୀ ଜଗନ୍ନାଥ, ପ୍ରତ୍ୟେକ ପର୍ବପର୍ବାଣୀ ଶ୍ରୀ କ୍ଷେତ୍ରରେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରୁ ବ୍ୟାପ୍ତ। ଶ୍ରୀ ଜଗନ୍ନାଥଙ୍କର ଫଳଗୁ ଉତ୍ସବ ଦ୍ୱାରକାଲୀଳା ମତେ ଅନୁଷ୍ଠିତ ହୁଏ। ଦଶମୀ ଦିନ ମଧାହ୍ନ ଧୂପ ପରେ ସେବକମାନଙ୍କଦ୍ୱାରା ବିଜେ ହୋଇ ବଟମୂଳରେ ଥିବା ବିମାନରେ ଉପବେଶନ ହୋଇ ଘଂଟ, କହାଳୀ ସହ ସିଂହଦ୍ୱାର ଦେଇ ଶ୍ରୀ ଜଗନ୍ନାଥଙ୍କ ବସନ୍ତ ଉତ୍ସବ ଜଗନ୍ନାଥ ବଲ୍ଲଭଙ୍କୁ ବିଜେ କରନ୍ତି। ତାଙ୍କ ସହିତ ପାଂଚଟି ବିମାନରେ ପଂଚୁପାଣ୍ଡବ, ଜମ୍ବେଶ୍ୱର, କପାଳମୋଚନ, ଲୋକନାଥ, ମାର୍କଣ୍ଡେୟ, ନୀଳକଣ୍ଠ ଯାଇଥାନ୍ତି। ସେଠାରେ ଆଳତୀ ପରେ ଦୋଳବେଦୀ ଚାରିପଟେ ପ୍ରଦକ୍ଷଣ କରି ଦକ୍ଷିଣାମୁଖୀ ହୋଇ ଦୋଳୀରେ ବିଜେ କରନ୍ତି। "ନିଳାଦ୍ରୀ ମହୋଦୟ" ଅନୁସାରେ:-

"ଏବେ ଶୁଣ ଜନମାନେ ଦୋଳକଥା,
ଯାହା ଶୁଣି ନାଶଯିବ ଭବବ୍ୟଥା"।

ସର୍ବଶେଷରେ ଯେଉଁ ଭକ୍ତ ଏହି ଦୋଳବେଦୀରେ ପ୍ରଭୁଙ୍କୁ ଦର୍ଶନ କରିଥାଏ ସେ ଅଶେଷ ପୂଣ୍ୟ ଅର୍ଜନ କରିବା ସହ ଆଉ ସଂସାର ବନ୍ଧନରେ ପଡି ନ ଥାଏ। ଦୋଳବେଦୀରେ ନୂତନ "ପଞ୍ଜିକା" ପାଠ କରାଯାଇ ରାଷ୍ଟ୍ର ଦେବତାଙ୍କ ପାଖେ ରାଷ୍ଟ୍ର ଫଳାଫଳ ଶୁଣାଯାଏ। ଏହା ହେଉଛି ଜଗନ୍ନାଥ ଧାମରେ ଦୋଳପର୍ବର ବୈଶିଷ୍ଟ୍ୟ।

*ସ୍ତମ୍ଭକାର, ମାର୍ଗଦର୍ଶୀ*
*ଖୋର୍ଦ୍ଧା,*
*ମୋ ନଂ-୬୩୭୦୬୭୫୫୬୨*

# ଓଡ଼ିଆର ଅସ୍ମିତା -୨

ସମ୍ମାନୀୟ ମୋ ପରିବାର ସଦସ୍ୟ ବୃନ୍ଦ, ଆପଣଙ୍କୁ ଏଠାରେ ସୂଚାଇ ଦେବାକୁ ଉଚିତ ମାନେ କରେ କି, ଏପର୍ଯ୍ୟନ୍ତ ଯେତେ ପୁସ୍ତକ ଆପଣ କିଣିଛନ୍ତି କିମ୍ବା ପଢ଼ିଛନ୍ତି ଆଉ ସେଇଥିରେ ଯାହା ସବୁ ଲେଖାଯାଇ ଅଛି ହୁଏତ ଆପଣ ସେଗୁଡିକୁ ତର୍ଜମା ସମୀକ୍ଷା କରିନାହାନ୍ତି କିମ୍ବା ତାହାର ସତ୍ୟାସତ୍ୟ ଉପରେ ଆଲୋଚନା ସମାଲୋଚନା କେବେ କରି ନାହାନ୍ତି ! ଥରେ ସେଗୁଡିକର ବିଶେଷ ବିଶ୍ଳେଷଣାତ୍ମକ ପର୍ଯ୍ୟାଲୋଚନା କରି ଦେଖିଲେ ଜାଣିହେବ ଯେ ସମସ୍ତ ପୁସ୍ତକ ଗୁଡିକ କେବଳ ବ୍ୟବସାୟ ଭି ିକ ଆଲେଖ୍ୟରେ ପରିପୂର୍ଣ୍ଣ ଯାହାର ବିଷୟ ଗୁଡିକ କେବଳ ଇତିହାସ, ଅଲୌକିକ, ଗାଳ୍ପିକ ଏବଂ ଅସତ୍ୟ ଘଟଣାବଳୀ ଗୁଡିକ ଉପରେ ଆଧାରିତ ! ଅଧିକ'ନ୍ତୁ ଅନେକ ସମୟରେ ଆମ ଦେଶରେ ଏମିତି ହୁଏ, କି କୌଣସି ମନସ୍ତାତ୍ତ୍ୱିକ ଅନୁଭୂତି, ଭାବଧାରା ଗୁଡିକୁ କେତେକ ପାର୍ଥିବ ଉଦାହରଣ ଦେଇ ଏମିତି ସଂଯୋଜିତ କରି ଲେଖାଯାଇ ଥାଏ କିମ୍ବା କୁହାଯାଇ ଥାଏ ଯେ ସାଧାରଣ ନିର୍ବୋଧ ଏକ ଭାବପ୍ରବଣତାର ସହିତ ସେହି ମିଥ୍ୟା ଗୁଡିକୁ ସତ୍ୟ ବୋଲି ଧରି ନେଇଥା'ନ୍ତି। ଏହି କ୍ରମରେ ସେମାନେ ସତ୍ୟ ପଥରୁ ଦୁରେଇ ମିଥ୍ୟକୁ ଆଦରି ନିଜର ଅଜ୍ଞାନତା ଜନିତ ପରୋକ୍ଷରେ ପ୍ରତାରିତ ହେଉଛନ୍ତି। ଆମ ଦେଶରେ ପୁସ୍ତକ ରଚନା, ସେଗୁଡିକର ମୁଦ୍ରଣ, ପ୍ରକାଶନ ଏବଂ ବଜାରରେ ବିକ୍ରି କରିବା ନେଇ କୌଣସି ସମୀକ୍ଷା କିମ୍ବା କଟକଣା ନାହିଁ। ସେହି କାରଣରୁ ଆଜି ପ୍ରାୟତଃ ଲେଖିବାର ଅଭ୍ୟାସ ରହିଥିବା ସମସ୍ତେ ଜଣେ ଜଣେ କବି, ଲେଖକ ଯାହାଙ୍କ ସହ ସହ ପୁସ୍ତକ ବ୍ୟବସାୟିକ ଢ଼ଙ୍ଗରେ ପ୍ରକାଶ ପାଇ ବଜାରରେ ବିକ୍ରି ହେଉଛି। ସେଗୁଡିକ କେବଳ ମୂଲ୍ୟହୀନ ହୋଇଥିଲେ ତ ବହୁତ ଭଲ ହୋଇଥା'ନ୍ତା, କିନ୍ତୁ ଅତ୍ୟନ୍ତ ଦୁଃଖ, ବିଡମ୍ବନାର ବିଷୟ ଏହା କି ସେଗୁଡିକ ମାଧ୍ୟମରେ ସାଧାରଣ ନିର୍ବୋଧ ଆଶାତୀତ ବିପରୀତମୁଖୀ ହେଉଛନ୍ତି ଯାହାଦ୍ୱାରା ଏହି ଜାତିର ଅସ୍ମିତା ତ ବହୁ ଦୂର, ସାମାନ୍ୟ ଉନ୍ନ ି କରିବା ବିପରୀତେ ଅବନତି ହୋଇ ଚାଲିଛି ଦିନକୁ ଦିନ। ଏହି



ପଙ୍କଜ କୁମାର ପାଣିଗ୍ରାହୀ

ପରିପ୍ରେକ୍ଷୀରେ ସରକାରୀ କଟକଣାକୁ ଅପେକ୍ଷା ନକରି ସାଧାରଣ ଲୋକେ ନିଜସ୍ୱ ସଚେତନତା ସୃଷ୍ଟି କରି ସେଗୁଡିକୁ କିଣିବା କିମ୍ବା ପାଠ କରିବା ପ୍ରତ୍ୟାଖ୍ୟାନ କରିବା ଅତ୍ୟନ୍ତ ଜରୁରୀ। ଅଥବା ସେମାନଙ୍କ ରହିଥିବା କିଂଚିତ ଉଚିତ, ବାସ୍ତବ ଜ୍ଞାନ ବିପରୀତମୁଖୀ ହୋଇ ପାରିବାରିକ ବିଡମ୍ବନା ସୃଷ୍ଟି ହେବାର ସୂଚନା ଯଥେଷ୍ଟ ଅଧିକ ରହିଛି। ଅତଏବ ଜନସାଧାରଣ ହିଁ କୌଣସି ପୁସ୍ତକ, ଆଲେଖ୍ୟ ଗୁଡିକୁ ପଢ଼ିବା ପୂର୍ବରୁ ସେଗୁଡିକର ବାସ୍ତବିକତା, ସତ୍ୟାସତ୍ୟ ଉପରେ ତର୍ଜମା କରି ଗ୍ରହଣ କରିବା ଅତ୍ୟନ୍ତ ଆବଶ୍ୟକ। ନତୁବା ସେମାନେ କେମିତି ପରୋକ୍ଷରେ ପ୍ରତାରିତ ହେବେ ନିଜକୁ ନିଜେ ବୁଝି ନପାରି କେବଳ ଭବିଷ୍ୟ ପିଢିଙ୍କ ପାଇଁ ଏକ ଦୁର୍ଗମ ପରିବେଶ ସୃଷ୍ଟି କରୁଥିବା ବୁଝିବାକୁ ହେବ ସମସ୍ତଙ୍କୁ। ପରିପକ୍ୱ ମସ୍ତିସ୍କଯୁକ୍ତ ମଣିଷ ଆଜି ଦେଖିବାକୁ ବିଲୁପ୍ତ ପ୍ରାୟ। କେତେ ଶିକ୍ଷିତ ହୁଅନ୍ତୁ କିମ୍ବା ଉଚ୍ଚାସୀନ ମଣିଷଙ୍କ ପିଲାଳିଆମୀ ଯାଇନଥାଏ ଜୀବନ ଶେଷ ପର୍ଯ୍ୟନ୍ତ। ତେଣୁ ବାଲ୍ୟ କାଳରୁ ଗଳ୍ପ ଶୁଣିବାର ଏକ ଅଭ୍ୟାସ ପ୍ରାୟତଃ ମୃତ୍ୟୁ ପର୍ଯ୍ୟନ୍ତ ରହିଯାଇ ଥାଏ ସମସ୍ତଙ୍କ ପାଖରେ। ତାହାର ସୁଯୋଗ ନେଇ ଚତୁର ଲେଖକ, ପ୍ରବଚକ ସେମାନଙ୍କୁ ଏମିତି ଗାଳ୍ପିକ ଢା ।ରେ ପ୍ରବ ିଇ ଥା'ନ୍ତି ବିଭିନ୍ନ ଅଯୌକ୍ତିକ ଉଦାହରଣ ଗୁଡିଏ ମାଧ୍ୟମରେ ଯେ ଅନୁଭବ ହୁଏ କି ତାହାଠାରୁ ବାସ୍ତବ, ସତ୍ୟ ଆଉ କିଛି ନାହିଁ ସଂସାରରେ। ସତ୍ୟ କି'ନ୍ତୁ ରହିଥାଏ ଆଢୁଆଳରେ। ଅବାସ୍ତବ ଅଲୌକିକ ବିଚାର ଗୁଡିକୁ ବନେଇ ଚୁନେଇ କହି ସତ୍ୟର ଅନୁଭବ ସୃଷ୍ଟି କରାଯିବା ଏବଂ ବାସ୍ତବ ସତ୍ୟ ମଧ୍ୟରେ ରହିଥିବା ପ୍ରଭେଦ ଆକାଶକୁ ପାତାଳ ପର୍ଯ୍ୟନ୍ତ ଦୂରରେ ରହିଥାଏ ଯାହା ହୁଏତ ନିର୍ବୋଧ ସର୍ବସାଧାରଣ ବୁଝିବା ଅତ୍ୟନ୍ତ ଦୁଃସାଧ ବ୍ୟାପାର। ସମାଜରେ ପ୍ରଚରିତ, ପ୍ରସାରିତ ସମସ୍ତ ବିଷୟ ଗୁଡିକୁ ସମାଲୋଚନାତ୍ମକ ଢଙ୍ଗରେ ଗ୍ରହଣ ନକରି ନିର୍ଦ୍ୱନ୍ଦରେ ସମର୍ଥନ ଦେବା ଅର୍ଥାତ ନିଜକୁ ନିଜେ ପରୋକ୍ଷରେ ପ୍ରତାରିତ କରି ଦୁର୍ଲଭ ମଣିଷ ଜୀବନକୁ ନଷ୍ଟ କରିବା ଛଡା ଆଉ କିଛି ହୋଇ ନପାରେ। ବିଚାର ଆପଣ ମାନଙ୍କର ଯେ କରିବେ କ'ଣ ଏବଂ କେଉଁ ପଥର ବାଟୋଇ ହୋଇ ନିଜ ଜୀବନ ଡଙ୍ଗାକୁ ବାହିବେ। ସମାପ୍ତ।

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗାମ-୭୬୧୦୨୦.*
*ଦୂରଭାଷ.: ୯୪୩୭୩୨୪୯୧୭*

# କଳାବିକାଶ କେନ୍ଦ୍ର : କଳା ଓ ଗୌରବର କୃତୀ କ୍ଷେତ୍ର

ହଜାର ବର୍ଷର ପ୍ରାଚୀନ ସହର କଟକରେ ନୃତ୍ୟ ସଙ୍ଗୀତର ପ୍ରମୁଖ ଅନୁଷ୍ଠାନଟି ହେଉଛି କଳାବିକାଶ କେନ୍ଦ୍ର। ଅନେକ ହୁଏତ ଜାଣିନଥିବେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାରେ ଭାରତୀୟ ନୃତ୍ୟ ସଙ୍ଗୀତକୁ କଳାପ୍ରେମୀଙ୍କ ନିକଟରେ ଆଦୃତ କରିବା ପାଇଁ ୧୯୫୨ ମସିହା ଅଗଷ୍ଟ ୧୦ ତାରିଖରେ ସର୍ବପ୍ରଥମେ ଓଡ଼ିଆ ବଜାରରେ ଗୋଟିଏ ଭଡ଼ା ଘରେ କଳାବିକାଶ କେନ୍ଦ୍ର ସ୍ଥାପିତ ହୋଇଥିଲା। ସେ ସମୟରେ ମାସିକ ଭଡ଼ା ଥିଲା ୨୫ଟଙ୍କା। ବିଧିବଦ୍ଧ ଭାବେ ଏହାର ପଞ୍ଜୀକରଣ ତଥା ସମ୍ବିଧାନ ତିଆରିର ପ୍ରସ୍ତୁତି କରିଥିଲେ ଗୋବିନ୍ଦ ଦାସ, ବାଙ୍କବିହାରୀ ଦାଶ, ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ। ଦିନକୁ ଦିନ ସଙ୍ଗୀତ ଓ କଳାର ଆଦର କରୁଥିବା ପିଲାମାନଙ୍କ ସଂଖ୍ୟା ବଢ଼ି ଚାଲିବାରୁ ଏହା ରାଣୀହାଟର ଅନ୍ୟ ଏକ ଭଡ଼ା ଘରକୁ ସ୍ଥାନାନ୍ତରିତ ହେଲା ଏବଂ ଏହାର ମାସିକ ଭଡା ରହିଲା ୨୫୦ ଟଙ୍କା। ଦୁଇମହଲା ବିଶିଷ୍ଟ ଏହି କୋଠା ଘରେ କଳାବିକାଶ କେନ୍ଦ୍ରର ଶିକ୍ଷାଦାନ କାର୍ଯ୍ୟକ୍ରମ ପରିଚାଳିତ ହେଲା। କଳାବିକାଶ କେନ୍ଦ୍ରର ମୂଳ ସଂସ୍ଥାପକ ବାବୁଲାଲ ଯୋଶୀ ୧୯୫୭ ମସିହାରେ ମିଶନ ରୋଡ଼ର ୟୁନିୟନ କ୍ଲବ ସନ୍ନିକଟ ସେ ସମୟରେ ଜଙ୍ଗଲିଆ ଜମି ଭାବେ ପରିଚିତ ଚଉଦଗୁଣ୍ଠ ଯାଗାକୁ ମାତ୍ର ଚାରିଶହ ଟଙ୍କାର ବିନିମୟ ମୁଦ୍ରା ଦ୍ୱାରା ହସ୍ତଗତ ହୋଇଥିଲା। ତତ୍କାଳୀନ କଳାପ୍ରେମୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ଏହି ସ୍ଥାନଟିକୁ ଲିଜ ସୂତ୍ରରେ ପ୍ରଦାନ କରିଥିଲେ। ସେ ସମୟରେ କଟକର ଜିଲ୍ଲାପାଳ ସର୍ଦ୍ଦାର ଅମର ସିଂହ। ୧୯୫୮ ଅଗଷ୍ଟ ୧୫ରେ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ତାଙ୍କ ନିଜସ୍ୱ ଲୋକାଲ ଡେଭଲପମେଣ୍ଟ ଫଣ୍ଡରୁ ଦଶ ହଜାର ଟଙ୍କା କଳାବିକାଶ କେନ୍ଦ୍ରର ଗୃହ ନିର୍ମାଣର ଶିଳାନ୍ୟାସ ପାଇଁ ପ୍ରଦାନ କରିଥିଲେ। ନ୍ୟାୟମୂର୍ତ୍ତି ହରିହର ମହାପାତ୍ରଙ୍କ ସହଯୋଗରେ ପ୍ରଖ୍ୟାତ ଡୁଗଲ କମ୍ପାନୀ ଚାରି ହଜାର ଟଙ୍କାର ଇଟା ସହଜଯୋଗ ସ୍ୱରୂପ ପ୍ରଦାନ କରିଥିଲେ। କଟକ କଳାବିକାଶ କେନ୍ଦ୍ରର ପ୍ରଥମ ସଭାପତି ଥିଲେ ଡକ୍ଟର ପ୍ରାଣକୃଷ୍ଣ ପରିଜା ଓ ପ୍ରଥମ ସମ୍ପାଦକ ଥିଲେ ବିଶ୍ୱନାଥ ରାଓ। ସେ ସମୟରେ ବର୍ତ୍ତମାନର ସୁବିଖ୍ୟାତ ନୃତ୍ୟଗୁରୁ ମାୟାଧର ରାଉତ ମାତ୍ର ପନ୍ଦର ଟଙ୍କା ଦରମା ବିନିମୟରେ ନୃତ୍ୟ ଶିକ୍ଷା ଦେଉଥିଲେ। କେଳୁଚରଣ ମହାପାତ୍ର ମଧ ମାସିକ କୋଡିଏ ଟଙ୍କା ଦରମାରେ ଶିକ୍ଷା ପ୍ରଦାନ କରୁଥିଲେ। ରାଖାଲ ଚନ୍ଦ୍ର ମହାନ୍ତି କେନ୍ଦ୍ରରେ ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ଶିକ୍ଷକ ହିସାବରେ ମଧ କର୍ତ୍ତବ୍ୟରତ ଥିଲେ। କେନ୍ଦ୍ରର ଅନ୍ୟତମ ଶିକ୍ଷକ ଭାବେ ବାଳକୃଷ୍ଣ ଦାଶ କାର୍ଯ୍ୟରତ ଥିଲେ। ସେ ସମୟରେ ଓଡ଼ିଶାର ଏକମାତ୍ର ଓ ପ୍ରମୁଖ ଅନୁଷ୍ଠାନ ଭାବେ କଳାବିକାଶ କେନ୍ଦ୍ର ଓଡ଼ିଶୀ ନୃତ୍ୟ ଓ ଗୀତର ବିଧିବଦ୍ଧ ଚାରିବର୍ଷିଆ ପାଠ୍ୟକ୍ରମ ତିଆରି କରିଥିଲା। ସର୍ବପ୍ରଥମେ ୧୯୫୩ରୁ ୧୯୫୪ ଶିକ୍ଷା ବର୍ଷରେ କବିଚନ୍ଦ୍ର ଡକ୍ଟର କାଳୀଚରଣ ପଟ୍ଟନାୟକ, ନୀଳମାଧବ ବୋଷ, ଦୟାନିଧି ଦାସ ଓ ଅନେକ ପ୍ରମୁଖ ଶିକ୍ଷା ଗୁରୁଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ନୃତ୍ୟ ଗୀତରେ ଚାରି ବର୍ଷିଆ ପାଠ୍ୟକ୍ରମ ପ୍ରବର୍ତ୍ତନ କରାଯାଇଥିଲା। କଳାବିକାଶ କେନ୍ଦ୍ରର ସେ ସମୟର ବିଶେଷକରି ପ୍ରଥମ ପାଠ୍ୟକ୍ରମ ବ୍ୟାଚର କଥା ସମ୍ପର୍କରେ ଉଲ୍ଲେଖ କରୁଛୁ। ଆଜିର ପ୍ରସିଦ୍ଧ ସଂଗୀତ ସାଧକ ଭାବେ ସ୍ୱୀକୃତ ପାଇଥିବା ରାଖାଲ ଚନ୍ଦ୍ର ମହାନ୍ତି, ଭିକାରୀ ଚରଣ ବଳ, ଅର୍ଜ୍ଜୁନ ଚରଣ ସାମଲ, ରଘୁନାଥ ନନ୍ଦ, ଅକ୍ଷୟ ମହାନ୍ତି, ଡକ୍ଟର ମନୋରଞ୍ଜନ ପୃଷ୍ଟି, ନବୀନ ଚନ୍ଦ୍ର ପଟ୍ଟନାୟକ ଓ ଇନ୍ଦିରା ରାୟ ପ୍ରମୁଖ ହେଉଛନ୍ତି ପ୍ରମୁଖ ପାଠ୍ୟକ୍ରମର ଛାତ୍ରଛାତ୍ରୀ। ସେହିପରି କେନ୍ଦ୍ରର ପ୍ରଚେଷ୍ଟାରେ ମାୟାଧର ରାଉତଙ୍କୁ ଓ ନବଘନ ମିଶ୍ରଙ୍କୁ ତତ୍କାଳୀନ ମାନ୍ଦ୍ରାଜର କଳାକେନ୍ଦ୍ର ଓ ଲକ୍ଷ୍ନୌର ମରିସ କଲେଜକୁ ନୃତ୍ୟ ଓ ବେହେଲାରେ ଉଚ୍ଚଶିକ୍ଷା ପାଇଁ ପଠାଯାଇଥିଲା। ଶ୍ରୀମତୀ କୁମକୁମ ମହାନ୍ତି କଳାବିକାଶ କେନ୍ଦ୍ରର ଛାତ୍ରୀ। କଳାବିକାଶ କେନ୍ଦ୍ରରେ ଓଡ଼ିଶୀ ନୃତ୍ୟ, ଓଡ଼ିଶୀ କଣ୍ଠ ସଂଗୀତ, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ କଣ୍ଠ ସଂଗୀତ, ଭାଓଲିନ, ଗୀତାର, ତବଲା, ସୁଗମ ସଙ୍ଗୀତ ପରି ସାତଟି ବିଭାଗ ରହିଛି। ସେହିପରି ୧୯୮୪ ମସିହାରୁ ଚାରି କଳା ଶିକ୍ଷା ନିମିତ୍ତ ଚମ୍ପକ ଲାଲ ମେହେଟ୍ଟା ଚାରୁ କଳା କେନ୍ଦ୍ର ସ୍ଥାପିତ ହୋଇଛି। ଏସବୁ ପାଠ୍ୟକ୍ରମର ସମୟ ସୀମା ହେଉଛି ଛଅ ବର୍ଷ।

ସ୍ୱାଧୀନତା ପାଇବା ପରେ ଓଡ଼ିଶୀ ନୃତ୍ୟ ସଂଗୀତର ହଜିଯାଇଥିବା ଗୌରବକୁ ପୁଣି ଫେରାଇ ଆଣି ଓଡ଼ିଶାର ସାଂସ୍କୃତିକ ପୁର୍ନଜାଗରଣର ଏକ ଉତ୍କୃଷ୍ଟ ଗବେଷଣା କେନ୍ଦ୍ର ହେଉଛି କଳାବିକାଶ କେନ୍ଦ୍ର। ଏଠାରେ କର୍ମଜୀବୀ ମହିଳାଙ୍କ ରହଣି ପାଇଁ ତୃପ୍ତିଘୋଷ କର୍ମଜୀବୀ ମହିଳା



ନାଟ୍ୟସାରଥି ଅଭୟ କୁମାର ଦାସ

ନିବାସ ରହିଛି। କେନ୍ଦ୍ରର ନୃତ୍ୟରେ ବିଶେଷ ପାରଦର୍ଶିତା ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ଉଚ୍ଚତର ତାଲିମ କାର୍ଯ୍ୟକ୍ରମ ଗ୍ରହଣ କେନ୍ଦ୍ର ରହିଛି ଏହି କେନ୍ଦ୍ର ତରଫରୁ ବିଭିନ୍ନ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଥାଏ। କଳାବିକାଶ କେନ୍ଦ୍ରରେ ଓଡ଼ିଶାର ପଲ୍ଲୀ ଅଞ୍ଚଳରେ ବ୍ୟବହୃତ ଓ ବିଶେଷ ପ୍ରକାର ବାଦ୍ୟ ଯନ୍ତ୍ର, ବେଶ ପୋଷକ ଅଳଙ୍କାର ଓ ଅନ୍ୟାନ୍ୟ ବୈଶିଷ୍ଟ୍ୟପୂର୍ଣ୍ଣ କଳା ସାମଗ୍ରୀର ଏକ ଛୋଟ ସଂଗ୍ରାହଳୟ ରହିଛି। କଳାବିକାଶ କେନ୍ଦ୍ର ଟ୍ରଷ୍ଟ ଅଧୀନରେ ଏକ ପରାମର୍ଶ ଦାତା କମିଟି ଦୈନନ୍ଦିନ ସମସ୍ତ କାର୍ଯ୍ୟ ପରିଚାଳନା କରିଥାଏ। କଳାବିକାଶ କେନ୍ଦ୍ରର ପ୍ରାଣ ପ୍ରତିଷ୍ଠାତା ବାବୁଲାଲ ଯୋଶୀଙ୍କ ସେପ୍ଟେମ୍ବର ୨୫, ୧୯୮୩ ମସିହାରେ ପରଲୋକ ହୋଇଥିଲା। ୧୯୧୮ ମଇ ୩୧ ତାରିଖରେ ଗୁଜୁରାଟର ମହୁଆରେ ଜନ୍ମ ନେଇଥିବା ଏହି କଳାପ୍ରେମୀ ବ୍ୟକ୍ତି ଜଣଙ୍କ ସର୍ବପ୍ରଥମେ ଓଡ଼ିଶାର ମୋହନ ଗୋସ୍ୱାମୀଙ୍କ ରାହାସ ଦଳ ଓ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଓଡ଼ିଶା ଥିଏଟରର ନାଟକ ଦେଖି ଆକୃଷ୍ଟ ହୁଅନ୍ତି ଓଡ଼ିଶାରେ ଏକ କଳା ପ୍ରତିଷ୍ଠାନ ଗଠନ କରିବା ପାଇଁ। ତାଙ୍କରି ସତ୍ୟନିଷ୍ଠ ଓ ସଂକଳ୍ପପୂର୍ଣ୍ଣ ସାଧନା ପାଇଁ କଳାବିକାଶ କେନ୍ଦ୍ର ପ୍ରତିଷ୍ଠା ହୋଇପାରିଥିଲା। ତାଙ୍କ ସାଧନା ଏପରି ତୀବ୍ର ଥିଲା ଯେ ଯାହା ଏକ ଲେଖନୀ ଜଣାପଡ଼ିଛି ଏହି କଳାବିକାଶ କେନ୍ଦ୍ର ନିର୍ମାଣ ପାଇଁ ଅର୍ଥ ଓ ସମ୍ବଳର ଅଭାବ ଥିବାରୁ ସେ ଏକ ପ୍ରକାର ବଜ୍ର ଶପଥ ନେଇଥିଲେ ଯେ ଯେଉଁ ପର୍ଯ୍ୟନ୍ତ କେନ୍ଦ୍ରର ଗୃହ ନିର୍ମାଣ ନ ହୋଇଛି ସେ ପର୍ଯ୍ୟନ୍ତ ମୁଁ ଆଦୌ ଯୋତା ମାଡ଼ିବି ନାହିଁ କି ଗଦିରେ ଶୋଇବି ନାହିଁ ଏବଂ ପ୍ରତିଦିନ ଅନ୍ତତଃ ପକ୍ଷେ କେନ୍ଦ୍ରର ନିର୍ମାଣ ପାଇଁ ଶହେଟଙ୍କା ସହଯୋଗ ରାଶି ସଂଗ୍ରହ କରିବି। ଏହିପରି ଭାବରେ ସେ ସମର୍ପିତ ଭାବନା ନେଇ କଳାବିକାଶ କେନ୍ଦ୍ର ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ୧୯୬୧ ମସିହା ବେଳକୁ ରାଜସ୍ୱ ବିଭାଗର ସଚିବ ଥିବା ଏସ.କେ. ଘୋଷ ସହଯୋଗ ପ୍ରଦାନ କରି ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ସଦାଶିବ ତ୍ରିପାଠୀ ସରକାରୀ ଜାଗା ପାଇଁ ଲିଜ ସୂତ୍ର ନିମିତ୍ତ ସହଯୋଗ ରଖିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ତାଙ୍କ ପତ୍ନୀ ତୃପ୍ତୀ ଘୋଷ ଥିଲେ କଳାବିକାଶ କେନ୍ଦ୍ରର ଜଣେ ସଭ୍ୟା। କଳାବିକାଶ କେନ୍ଦ୍ର କେବଳ ଓଡ଼ିଶାର ନୃତ୍ୟ କଳା କେନ୍ଦ୍ରର ଏକ ପ୍ରମୁଖ କ୍ଷେତ୍ର ନହିଁ ବରଂ ଏହା ବିଶ୍ୱର କଳା ଓ ଗୌରବ କୃତୀ କ୍ଷେତ୍ରର ଏକ ପ୍ରମୁଖ ଅନୁଷ୍ଠାନ।

*ଗୋତରା, ମାହାଙ୍ଗା, କଟକ,*
*ଦୂରଭାଷ : ୯୪୩୭୧୪୨୭୧୭*

# ବାଣିଜ୍ୟ ଲଢେଇ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଏଥିରେ ସନ୍ଦେହ ନାହିଁ ଯେ, ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫ ନୀତି ବିଶ୍ୱରେ କେବଳ ବାଣିଜ୍ୟ ଲଢେଇକୁ ଆମନ୍ତ୍ରଣ କରିବନାହିଁ, ବିଭିନ୍ନ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧିର କାରଣ ହେବ। ଉଲ୍ଲେଖଯୋଗ୍ୟ ଯେ, ଟ୍ରମ୍ପ ଭାରତ ସମେତ ଚାରୋଟି ରାଷ୍ଟ୍ର ଚୀନ, କାନାଡା, ମେକ୍ସିକୋ ଉପରେ ଆମଦାନୀ ଉପରେ ୧୦୦ପ୍ରତିଶତ ଟାରିଫ ଲାଗୁ କରିଥିବାବେଳେ ଚୀନ କାନାଡା, ମେକ୍ସିକୋ ସହ ଚାରୋଟି ରାଷ୍ଟ୍ର ଉପରେ ଅତିରିକ୍ତ ୨୫ପ୍ରତିଶତ ଟାରିଫ ଲାଗୁ କରିଛନ୍ତି। ଏହାର ଯବାବରେ ଚୀନ ଗହମ, ମକା, ତୁଳା, ଚିକେନ ଉପରେ ୧୫ପ୍ରତିଶତ ଏବଂ ସୋୟାବିନ, ଘୁଷୁରି ମାଂସ, କୁକୁଡା ମାଂସ, ଗୋ ମାଂସ, ଫଳ, ପନିପରିବା ଏବଂ ଦୁଗ୍ଧଜାତ ଉତ୍ପାଦନ ଉପରେ ଆମେରିକା ଠାରୁ ୧୦ପ୍ରତିଶତ ଶୁଳ୍କ ଲାଗୁ କରିଛି ଏପରିକି ମଧ ଚୀନ ସାମଗ୍ରୀ ଉପରେ ଟ୍ରମ୍ପ ପ୍ରଶାସନ ଅତିରିକ୍ତ ୧୦ପ୍ରତିଶତ ଲେଭି ଲାଗୁ କରିଛି, ଯାହାକି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଲେ ଅତ୍ୟୁକ୍ତି ହୋଇନପାରେ। ବିକଳ୍ପ ସ୍ୱରୁପ ବ୍ରାଜିଲ, ଆର୍ଜେଟିଂନା ଏବଂ ପାରାଗୁଏରୁ ଚୀନ ଏହି ସମସ୍ତ ଖାଦ୍ୟ ସାମଗ୍ରୀ ଆମଦାନୀ କରିପାରେ। ଏହାଦ୍ୱାରା ଆମେରିକାର ଚାଷୀମାନେ କ୍ଷତିଗ୍ରସ୍ତ ହେବେ। ସ୍ମରଣ କରାଯାଇପାରେ ଯେ, ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ ୭୮ ପ୍ରତିଶତ ଲୋକପ୍ରିୟ(ପପୁଲାର) ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ଯେଉଁଥିରେ ଆମେରିକାର କୃଷକଙ୍କ ଯୋଗଦାନ ସର୍ବାଧିକ ରହିଛି। ଏହା ନିସନ୍ଦେହ ଯେ, ଆମେରିକାର ସମ୍ଭାବ୍ୟ ବାଣିଜ୍ୟ ଲଢେଇ ଚୀନ, କାନାଡା କିମ୍ବା ମେକ୍ସିକୋ ମଧ୍ୟରେ ସୀମିତ ନୁହେଁ। ୨୫ପ୍ରତିଶତ ଟାରିଫ ମଙ୍ଗଳବାର ଠାରୁ କାନାଡା ଓ ମେକ୍ସିକୋ ବିରୁଦ୍ଧରେ ଲାଗୁ ହୋଇଛି। ଏହାର ପାଲଟା ଯବାବ ସ୍ୱରୁପ କାନାଡା ଆମେରିକାର ଆମଦାନୀ ସାମଗ୍ରୀ ଉପରେ ୧୫୫ ବିଲିଅନ ଡଲାରର ଶୁଳ୍କ ଲାଗୁ କରିବା ପାଇଁ ଘୋଷଣା କରିଛି। ସେହିପରି ଟ୍ରମ୍ପ ମଧ ଇସ୍ପାତ ଏବଂ ଆଲୁମିନିୟମ୍ ଉପରେ ବିଶ୍ୱବ୍ୟାପୀ ୨୫ପ୍ରତିଶତ ଶିଳ୍କ କରିବାକୁ ଘୋଷଣା କରିଛି। ଯାହାକି ଆସନ୍ତା ୧୨ ତାରିଖରୁ କାର୍ଯ୍ୟକାରୀ ହେବ। ଏହାଦ୍ୱାରା ବିଶ୍ୱବ୍ୟାପୀ ଇସ୍ପାତ ଓ ଆଲୁମିନିୟମର ମୂଲ୍ୟ ବୃଦ୍ଧି ଘଟିବ। ଟ୍ରମ୍ପଙ୍କ ବାଣିଜ୍ୟ ନୀତି ନେଇ ପରସ୍ପର ବିରୁଦ୍ଧରେ ଟାରିଫ ଲାଗୁ କରିବା ଦ୍ୱାରା ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବଢିବାକୁ କେହି ରୋକିପାରିବେ ନାହିଁ। ଏହାଦ୍ୱାରା ନିରିହ ଖାଉଟି କେବଳ ଅହେତୁକ ଦରବୃଦ୍ଧିର ଶିକାର ହେବା ସାର ହେବ। କେବଳ ଏତିକି ନୁହେଁ, ଟାରିଫ ଲଢେଇ ଯୋଗୁଁ ଉଭୟ ଆମଦାନୀ ଓ ରପ୍ତାନୀ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିବ। ଉଲ୍ଲେଖଯୋଗ୍ୟ ଯେ, ଗଲା ୨୦୨୪ରେ ଆମେରିକା ୩.୩ ଟ୍ରିଲିୟନ ହଜାରର ସାମଗ୍ରୀ ଆମଦାନୀ କରିଥିବାବେଳେ ୨.୧ ଟ୍ରିଲିଅନ ଡଲାରର ସାମଗ୍ରୀ ରପ୍ତାନୀ କରିଥିଲା। କିନ୍ତୁ ଭାରତ ପାଲଟା କଠୋର ପଦକ୍ଷେପ ଗ୍ରହଣ କରିବା ସମ୍ଭାବନାକୁ ଅଣଦେଖା କରାଯାଇନପାରେ ସ୍ମରଣ କରାଯାଇପାରେ ଯେ, ଅତୀତରେ ତଥା କିଛି ବର୍ଷ ତଳେ ଆମେରିକାର ଭାରତୀୟ ସାମ୍ରଗୀ ଉପରେ ଶୁଳ୍କ ଲାଗୁ କରିବା ପରେ ଭାରତ ମଧ ଏହାର ପାଲଟା ଯବାବ ଦେଇଥିଲା। ଏବେ ଭାରତ ବିଶ୍ୱରେ ଏକ ଆନ୍ତର୍ଜାତିକ ଟ୍ରେଡ ପାର୍ଟନର ଭାବେ ଉଭା ହୋଇଛି। ଇତି ମଧ୍ୟରେ ଆମେରିକା ଆଲମୋଣ୍ଡସ, ୱାଲନଟ୍ (ବାଦାମ), ମକା ଏବଂ ଦୁଇସ୍କି ଉପରୁ ଆମେରିକା ଶୁଳ୍କ ହ୍ରାସ କରିଥିବା ସତ୍ତ୍ୱେ ତାହା ଭାରତୀୟ ଉତ୍ପାଦନ ଉପରେ କୌଣସି କ୍ଷତି କରିପାରିବ ନାହିଁ ବା ଭାରତ କ୍ଷତିଗ୍ରସ୍ତ ହେବ ନାହିଁ। ଏପରିକି ଭାରତୀୟ ଚାଷୀ କୁକୁଡା ମାଂସ, ଅଣ୍ଡା, ଦୁଗ୍ଧଜାତ ସାମଗ୍ରୀ ରପ୍ତାନୀରୁ ମଧ ଲାଭବାନ ହେବେ। କିନ୍ତୁ ଆମେରିକାର ୧୦୦ପ୍ରତିଶତ ଟାରିଫ ଯୋଗୁଁ ଭାରତୀୟ ସାମୁଦ୍ରିକ ଖାଦ୍ୟ ଏବଂ ବାସୁମତୀ ଚାଉଳ ରପ୍ତାନୀକାରୀମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବେ। ଆମେରିକା ସହ ଭାରତ ବାଣିଜ୍ୟ ଏବଂ ଟାରିଫ ଉପରେ ଆଲୋଚନା କରିବାକୁ ପଛଘୁଂଚା ଦେବା ଉଚିତ ନୁହେଁ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ରୋଡ ନଂ-୩, ଶିଶୁପାଳଗଡ,*

# ନ୍ୟାୟର ଦେବୀଙ୍କ ଆଖିରୁ ହଟିଲା ପଟି

କୁହାଯାଏ ଯେ ଯାହାହୁଏ ଭଲ ହୁଏ। ନ୍ୟାୟପାଳିକା ନିକଟରେ ନେଇଥିବା ପଦକ୍ଷେପରୁ ଏକଥାର ସ୍ୱଷ୍ଟ ସୂଚନା ମିଳୁଛି। ଭାରତରେ ନ୍ୟାୟପାଳିକାର ପ୍ରତୀକ ଚିହ୍ନ (ନ୍ୟାୟଦେବୀ)ଆଖିରେ ପଟି ବନ୍ଧା ଓ ଗୋଟିଏ ହାତରେ ନିକିତି ଓ ଅନ୍ୟ ହାତରେ ଖଣ୍ଡା ଥିବା ଏକ ନାରୀଙ୍କ ଛିତ୍ର ଥିଲା। ଏହି ଚିତ୍ର ବା ପ୍ରତିମୂ ୀଙ୍କୁ ନ୍ୟାୟର ଦେବୀ ବୋଲି କୁହାଯାଉଥିଲା, ଯଦିଓ ନ୍ୟାୟ ଦେବାର କାମ ବୋଧହୁଏ ଦେବତା କରିପାରୁ ନଥିଲେ। ନ୍ୟାୟର ଦେବୀଙ୍କ ଆଖିରେ ବୋଧହୁଏ ଏଇଥିପାଇଁ ପଟି ବନ୍ଧା ଯାଇଥିଲା ଯେ ସେ ବିବେକ ଅନୁସାରେ ନ୍ୟାୟ ପ୍ରଦାନ କରି ପାରିବେ, ହାତରେ ଖଣ୍ଡା ଏଇଥିପାଇଁ ବୋଧହୁଏ ଥିଲା ଯେ ଦୋଷୀକୁ ନିର୍ମମ ଭାବେ ଦଣ୍ଡ ଦେଇପାରିବେ। କିଁ ଏବେ ଏହି ନ୍ୟାୟଦେବୀଙ୍କ ଚିତ୍ର/ ପ୍ରତିମୂ ୀଙ୍କ ଆଖିରୁ ପଟି ହଟାଇ ଦିଆଯାଇଛି ଏବଂ ଖଣ୍ଡା ବଦଳରେ ଏବେ ନ୍ୟାୟର ଦେବୀଙ୍କ ହାତରେ ସମ୍ବିଧାନକୁ ଧରାଇ ଦିଆଯାଇଛି ଯେଉଁ ସମ୍ବିଧାନ ବିଗତ ଲୋକସଭା ନିର୍ବାଚନ ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଅନ୍ୟ ବିରୋଧିଦଳର ନେତା ମାନଙ୍କ ହାତରେ ଥିଲା। କୁହାଯାଉଛି ଯେ ନ୍ୟାୟର ପ୍ରତୀକର ପରିବ ିନ ପଛରେ ରହିଛି ଦେଶର ମୁଖ୍ୟ ବିଚାରପତି ଡି ଓ୍ୱାଇ ଚନ୍ଦ୍ରଚୂଡ଼ଙ୍କ ପରାମର୍ଶ ଓ ମାର୍ଗଦର୍ଶନ। ତାଙ୍କର ନିର୍ଦ୍ଦେଶରେ ନ୍ୟାୟର ଦେବୀଙ୍କ ଚିତ୍ର/ ପ୍ରତିମୂ ୀରେ ପରିବ ିନ କରାଯାଇଛି। ନ୍ୟାୟ ଦେବୀଙ୍କ ନୂଆ ପ୍ରତିମା ଦେଶର ସର୍ବୋଚ୍ଚ ଅଦାଲତର ବିଚାରପତିମାନଙ୍କ ଲାଇବ୍ରେରୀରେ ସ୍ଥାପନ କରାଯାଇଛି। ଏହି ପରିବ ିନ ଐତିହାସିକ ନିଷ୍ପୟ। ମାନ୍ୟବର ସର୍ବୋଚ ନ୍ୟାୟାଳୟଙ୍କ ଏହି ନିଷ୍ପ ି ବ ିମାନର ସରକାରଙ୍କ ମାନସିକତା ସହ ସମାନ ବୋଲି ପରିଲକ୍ଷିତ ହେଉଛି। କାରଣ ବ ିମାନର ସରକାର ଏବେ ସବୁ କିଛିର ପରିବ ିନ କରିବାପାଇଁ ଆଗ୍ରତ ପ୍ରକାଶ କରୁଛନ୍ତି। ସହର, ରେଳଷ୍ଟସନ, ବିମାନ ବନ୍ଦରର ନାମ ନୁହେଁ ବରଂ ଇଂରେଜ ଅମଳର ସବୁ ଆଇନକୁ ପରିବ ିନ କରାଯାଇଛି। ଏପରିସ୍ଥିଳେ ନ୍ୟାୟପାଳିକା ମଧ ପଛରେ ରହିବ ବା କାହିଁକି ? ଏଇଥିପାଇଁ ଭାରତୀୟ ନ୍ୟାୟପାଳିକା ମଧ ବ୍ରିଟିଶ ଅମଳକୁ ପଛରେ ପକାଇ ନୂଆ କଥାକୁ ଆପଣେଇବା ଆରମ୍ଭ କରିଛି। ସର୍ବୋଚ୍ଚ ନ୍ୟାୟାଳୟ ନ୍ୟାୟର ଦେବୀଙ୍କ ଆଖିରୁ ପଟି ହଟାଇ ସନ୍ଦେଶ ଦେବା ପାଇଁ ଚାହିଁଛନ୍ତି ଯେ ଏବେ ଆଇନ୍ ଅନ୍ଧ ନୁହେଁ। ଆଇନ୍ ମଧ ଅନ୍ଧ ହେବା ଠିକ୍ ନୁହେଁ।

ଏବେ ଯେଉଁ ସବୁ ବ୍ୟବସ୍ଥାର ଆଖିରେ ପଟିବନ୍ଧା ଯାଇଛି ସେଥିରୁ ମଧ ପଟି ହଟାଇବା ଜରୁରୀ। ଆଖିରେ ପଟିବନ୍ଧା ହେବା ବିବେକର ପ୍ରତୀକ ବୋଲି କୁହାଯାଏ କିନ୍ତୁ ଅନ୍ୟ ପକ୍ଷରେ ଜାଣିଶୁଣି ଆଖି ବନ୍ଦ କରିବାର ପ୍ରତୀକ ବୋଲି ମଧ କୁହାଯାଇପାରେ। ଦ୍ୱାପରଯୁଗରେ ଗାନ୍ଧାରୀ ତାଙ୍କ ସ୍ୱାମୀଙ୍କ ପ୍ରେମ କାରଣରୁ ଆଖିରେ ପଟି ବାନ୍ଧିଥିଲେ କିନ୍ତୁ ତାର ପରିଣାମ କ'ଣ ହୋଇଥିଲା ସେ କଥା ପୁରାଣରେ ଉଲ୍ଲେଖ ରହିଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ପଦକ୍ଷେପ ବା ନବାଚର ସ୍ୱାଗତ ଯୋଗ୍ୟ ଏବଂ ଆଶା କରାଯିବା ଉଚିତ୍ ଯେ ନ୍ୟାୟପ୍ରଣାଳୀ ଅଧିକ ଭାବେ ଆଦୃତ ହେବ। ଭାରତର ନ୍ୟାୟପାଳିକା ଉପରେ ଲୋକଙ୍କର ଅଗାଧ ବିଶ୍ୱାସ ରହିଛି ଯଦିଓ ଅନେକ ସମୟରେ କେତେକ ନିର୍ଣ୍ଣୟ ପାଇଁ ବିବାଦ ଉପୁଜିଛି। କିଁ ଅନେକ ଐତିହାସିକ ନିଷ୍ପ ି କାରଣରୁ ନ୍ୟାୟପାଳିକା ତାର ସମ୍ମାନକୁ ବଜାୟ ରଖିପାରିଛି। କିଁ ଦୁର୍ଭାଗ୍ୟ ଯେ ଏବେ ଦେଶର କାର୍ଯ୍ୟପାଳିକା ହେଉ ବା ବିଧାୟିକା ସମସ୍ତଙ୍କ ଆଖିରେ ପଟି ଏବଂ ହାତରେ ଖଣ୍ଡା ରହିଥିବା ପରି ଜଣାପଡୁଛି। ସରକାରଙ୍କ ନିୟନ୍ତ୍ରଣରେ



ଗୋପାଳ ମହାପାତ୍ର

ସବୁକିଛି ରହିଛି। ନ୍ୟାୟପାଳିକା ମଧ। କାରଣ ନ୍ୟାୟପାଳିକାର ନିଯୁକ୍ତ, ବେତନ-ଭତ୍ତା ପର୍ଯ୍ୟ'ର ବ୍ୟବସ୍ଥା ସରକାର କରିଥାଁ। ସରକାର ମଧ ତାଙ୍କ ଆଖିରେ ପଟି ବାନ୍ଧି କାମ କରିଥାଁ ଯେଉଁଠି ଖଣ୍ଡାର ଆବଶ୍ୟକତା ନଥାଏ ସେଠି ଖଣ୍ଡା ଚଲାଁ ଏବଂ ଯେଉଁଠି ଆବଶ୍ୟକତା ଥାଏ ସେଠି ଖଣ୍ଡାକୁ ଛୁଅଁ ନାହିଁ ଏପରିକି ଖଣ୍ଡା ଚଳାଇବା ବେଳେ ଆଖିରୁ ପଟିକୁ ହଟାଇ ଦିଅନ୍ତି। ଏ ବାବଦରେ ଉଦାହରଣ ଦେବାର ଆବଶ୍ୟକତା ନାହିଁ, ପାଠକେ ଏହାର ବିଶ୍ଳେଷଣ କରିବେ।

ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ମତ ହେଉଛି ଇଂରୋକ ଅମଳର କଥାକୁ ଆମେ ଗ୍ରହଣ କରିବା କାହିଁକି। ଆଇନ୍ କେବେ ଅନ୍ଧ ନୁହେଁ। ଆଇନ ସମସ୍ତଙ୍କୁ ସମାନ ରୂପରେ ଦେଖିଥାଏ। ଏଣୁ ନ୍ୟାୟର ଦେବୀଙ୍କ ସ୍ୱରୂପ ପରିବ ିନ ହେବା ଆବଶ୍ୟକ। ଦେବୀଙ୍କ ହାତରେ ଖଣ୍ଡା ପରିବ େ ସମ୍ବିଧାନ ରହିବା ଆବଶ୍ୟକ ଓ ସମ୍ବିଧାନ ରହିଲେ ଲୋକଙ୍କ ପାଖକୁ ସନ୍ଦେଶ ଯାଇପାରିବ ଯେ ନ୍ୟାୟପାଳିକା ସମ୍ବିଧାନ ଅନୁସାରେ ହିଁ ନ୍ୟାୟ କରିଥାଁ। ଅନ୍ୟପକ୍ଷରେ ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ଙ୍କ ମତରେ ଖଣ୍ଡା ହିଁସାର ପ୍ରତୀକ। ନ୍ୟାୟାଳୟ ହିଂସା ନୁହେଁ ବରଂ ସାମ୍ବିଧାନିକ ବିଧି ଆଇନ୍ ଅନୁସାରେ ନ୍ୟାୟ ପ୍ରଦାନ କରିଥାଁ। ଦେବୀଙ୍କ ଦ୍ୱିତିୟ ହାତରେ ନିକିତି ଠିକ୍ ଅଟେ ଯାହା ସମସ୍ତଙ୍କୁ ସମାନ ଭାବେ ନ୍ୟାୟ ଦେବାର ପ୍ରତୀକ।

ଭାରତରେ ଗଣତନ୍ତ୍ରରେ ନ୍ୟାୟପାଳିକାର ଭୂମିକାକୁ ଆମ ସମ୍ବିଧାନ ନିର୍ମାତା ମାନେ ଏଭଳି ନିରୁପିତ କରିଛନ୍ତି ଯେ ଏହା ସରକାରଙ୍କ ଅଙ୍ଗ ନହୋଇ ବି ସ୍ୱତନ୍ତ୍ର ଭାବରେ ଦେଶରେ ସାମ୍ବିଧାନର ଶାସନର ଗ୍ୟାରେ ି ଦେଇଥାଏ। ନ୍ୟାୟପାଳିକା ମଧ ତାର ଦାୟିତ୍ୱ ଠିକ ଭାବେ ପାଳନ କରୁଛି ଓ ଏଥିରେ ସର୍ବୋଚ୍ଚ ନ୍ୟାୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ଅନେକ ସମୟରେ ସର୍ବୋଚ୍ଚ ନ୍ୟାୟାଳୟ ସରକାରୀ ନିଷ୍ପ ିର ସମୀକ୍ଷା ସମ୍ବିଧାନର ଭାବନା ଅନୁସାରେ କରିଥାଁ। ବିଚାରପତି ଚନ୍ଦ୍ରଚୂଡ଼ଙ୍କ ମତରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଭୂମିକା ଲୋକଙ୍କ ନ୍ୟାୟାଳୟ ବା ଅଦାଲତ ରୂପରେ ନିରୁପିତ ହେବା ଉଚିତ୍ ଏବଂ ଏହାର ଏହି ସ୍ୱରୂପ ଭବିଷ୍ୟତ ପାଇଁ ସଂରକ୍ଷିତ ରହିବା ଆବଶ୍ୟକ। ସାଧାରଣ ନାଗରିକଙ୍କ ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରା ଖୋଲା ରହିଛି ଏବଂ ସେମାନଙ୍କୁ ନ୍ୟାୟ ମିଳୁଛି ଏହି ଅବଧାରଣାକୁ ସ୍ଥାୟୀ ରଖିବା ଉଚିତ ଯାହାକୁ ବିକଶିତ କରିବା ପାଇଁ ୭୫ ବର୍ଷ ଲାଗି ଯାଇଛି। ସମାଜ ବଦଳୁଛି ଏବଂ ଏହାର ବିକାଶ ହେଉଛି ଏଣୁ ସର୍ବୋଚ୍ଚ ନ୍ୟାୟାଳୟ କେବଳ ବଡ଼ ବଡ଼ ମାମଲା ଉପରେ ନଜର ନରଖି ସାଧାରଣ ବା ଛୋଟ ବୋଲି ଚିଁ। କରାଯାଉଥିବା ମାମଲା ଉପରେ ଦୃଷ୍ଟି ଦେବା ଉଚିତ୍ ବୋଲି କହିଛଁ ବିଚାରପତି ଚନ୍ଦ୍ରଚୂଡ଼। ତାଙ୍କ ମତରେ ଗଣତନ୍ତ୍ରରେ କୌଣସି ସାମ୍ବିଧାନିକ ସଂସ୍ଥା ଆଭିଜାତ୍ୟ ନୁହେଁ, ବିଶେଷକରି ନ୍ୟାୟପାଳିକା। କାରଣ ନ୍ୟାୟପାଳିକା ଉପରେ ଲୋକଙ୍କ ସ୍ୱାର୍ଥର ରକ୍ଷା କରିବାର ଦାୟିତତ୍ୱ ରହିଛି। ପରିବ ିତ ସାମାଜିକ ସମୀକରଣକୁ ମଧ ଅଦାଲତ ସଂଜ୍ଞାନ ନେବା ଉଚିତ୍ ବୋଲି ମଧ କହିଛଁ ବିଚାରପତି ଚନ୍ଦ୍ରଚୂଡ଼।

ଆଶା କରାଯିବା ଉଚିତ୍ ଯେ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ତାଙ୍କ ଅବସର ଗ୍ରହଣ ପୁର୍ବରୁ ଯେମିତି ନ୍ୟାୟପାଳିକାର ପ୍ରତୀକକୁ ବଦଳାଇ ଦେଇଛନ୍ତି ସେହିପରି ସାମ୍ବିଧାନିକ ସଂସ୍ଥାମାନଙ୍କ ଆଖିରେ ଯେଉଁ ପଟି ବନ୍ଧାଯାଇଛି ସେ ସବୁକୁ ହଟାଇବା ଦିଗରେ ପ୍ରୟାସ କରିବେ। ଇଡି ହେଉ ବା ସିବିଆଇ ଏପରିକି କେନ୍ଦ୍ରୀୟ ନିର୍ବାଚନ କମିଶନ ସମସ୍ତଙ୍କ ଆଖିରେ ପଟି ଓ ହାତରେ ଖଣ୍ଡା ରହିଛି। ଆଜିର ସମୟ ଆଖିରେ ପଟିବାନ୍ଧି କାମ କରିବାର ସମୟ ନୁହେଁ କିମ୍ବା ହାତରେ ଖଣ୍ଡା ଧରି କାହାରିକୁ ଶାସନ କରାଯାଇ ପାରିବ ନାହିଁ। ଅନେକଙ୍କ ମତରେ ନ୍ୟାୟର ଦେବୀ ବାସ୍ତବରେ ୟୁନାନର ପ୍ରାକ୍କାଳର ଦେବୀ ଯାହାଙ୍କୁ ନ୍ୟାୟର ପ୍ରତୀକ ବୋଲି କୁହାଯାଉଥିଲା। ଏହାଙ୍କ ନାମ ଜଷ୍ଟିଆ। ଏହାଙ୍କ ନାମରୁ ହିଁ ଜଷ୍ଟିସ ଶବ୍ଦର ଉତ୍ପ ି। ଏହି ଦେବୀଙ୍କ ଆଖିରେ ପଟି ବନ୍ଧା ହେବାର ଅର୍ଥ ହେଉଛି ନ୍ୟାୟର ଦେବୀ ସବୁବେଳେ ନିରପେକ୍ଷ ଭାବେ ନ୍ୟାୟ ଦେଇଥାନ୍ତି। କିନ୍ତୁ ଆମେ ସମସ୍ତେ ମଧ ଜାଣିଛେ ଯେ ଆଖିରେ ପଟି ବାନ୍ଧି ମୋଟର ସାଇକେଲ, ସାଇକେଲ ଚଳାଇବା, ଚିତ୍ର ଆଙ୍କିବା ଜାଦୁକରଙ୍କ କାମ। ବିଚାରପତି ଏଭଳି କରିପାରିବେ ନାହିଁ। କିନ୍ତୁ ନେତା କରିପାରିବେ ଓ କରୁଛନ୍ତି। ଯାହାବି ହେଉ ପରିବ ିନ ସ୍ୱାଗତ ଯୋଗ୍ୟ ଏବଂ ଦେଶବାସୀ ବିଚାରପତି ଚନ୍ଦ୍ରଚୂଡ଼ଙ୍କୁ ମନେ ରଖିବେ ନିଶ୍ଚୟ। ଅବସର ଗ୍ରହର ପୂର୍ବରୁ ସେ ନେଇଥିବା ପଦକ୍ଷେପ ଐତିହାସିକ ନିଶ୍ଚୟ।

*ରାମଚନ୍ଦ୍ରପୁର, ରଣପୁର*
*ମୋ: ୯୪୩୮୪୮୫୦୯୪*

# ସାହିତ୍ୟ ଦର୍ପଣ



## ପୁଅ ଫେରିଛି


ସୁଦର୍ଶନ ମହାପାତ୍ର

ସମ୍ଭାବ୍ୟ ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଡାକରା ପାଇ ପୁଅ ତା କର୍ମ କ୍ଷେତ୍ରକୁ ବାହାରିବା ବେଳକୁ ମାଆ ହତୋତ୍ସାହିତ ହୋଇ ପଡୁଥିଲେ। ମାଆ ଲୁଚି ଲୁଚି କାନ୍ଦୁଥିଲେ ବୋଲି ଅନୁଭବ କଲା ପୁଅ।

-' ଦେଶ ପାଇଁ ଯୁଦ୍ଧରେ ଭାଗନେବା ସୌଭାଗ୍ୟର କଥା ମାଆ। ସମସ୍ତଙ୍କ ପାଇଁ ଏ ସୁଯୋଗ ଆସେନି। ଯଦି ଯୁଦ୍ଧ ହୁଏ ମୁଁ ମୋ ପରାକାଷ୍ଠା ଏମିତି ଦେଖାଇବି ଯେ ତୁମେ ମୋ ପାଇଁ ଗର୍ବ ଅନୁଭବ କରିବ।ଏ ଦେଶ ମୋତେ ମନେ ରଖିବ। ଇତିହାସରେ ଲେଖାଯିବ ଶ୍ରୀମତୀ ବିଜୟା ପଟ୍ଟନାୟକଙ୍କ ପୁଅ କମାଣ୍ଡର ବିକ୍ରମ କେଶରୀ ପଟ୍ଟନାୟକ ଙ୍କ ପରାକ୍ରମ ସର୍ବୋତ୍ତମ।'

-' ସେତିକି ଥାଉ ଡ୍ରାମେବାଜ କାହାଁକା। ମାଆକୁ ଆଶ୍ୱାସନା ନଦେଇ,ଡାଇଲଗ୍ ମାରିଲା। ନିଜ ପ୍ରତି ଯତ୍ନବାନ ହେବା ବି ଯୋଦ୍ଧା ର କର୍ତ୍ତବ୍ୟ।ନିଜ ପ୍ରତି ସଜାଗ ରହି ଶତ୍ରୁକୁ ନିପାତ କରିବାକୁ ଟ୍ରେନିଂରେ କୁହାଯାଇନାହିଁ କି ?' ହସି ହସି କହିଲେ ବାପା ଅରିନ୍ଦମ ପଟ୍ଟନାୟକ।

-' ବାପା, ତୁମେ ରିଟାୟାର୍ଡ କର୍ଣ୍ଣେଲ ହୋଇ ଏମିତି କଥା କହୁଛ ? ଦେଶ ପାଇଁ ରକ୍ତ ଦେବାକୁ ହେଲେ ଯୋଦ୍ଧା କ'ଣ କେବେ ପଛଘୁଞ୍ଚା ଦେଇ ଫେରି ଆସିବ ?'

-' ସେତିକି କଥା ଥାଉ। ଫ୍ଲାଇଟ ଟାଇମ୍ ହୋଇଯିବ।ଯୁଦ୍ଧ ହେଉଛି କି ନାହିଁ ଠିକ୍ ନାହିଁ, ସେ ବିଷୟରେ ଏବେଠୁ କଥା ଆରମ୍ଭ କଲାଣି...! ଯୁଦ୍ଧ ହିଁ ହେବ ନାହିଁ, ମୋ ଅଭିଜ୍ଞତାରୁ କହୁଛି।' ପତ୍ନୀ ବିଜୟା ଙ୍କୁ ଆଶ୍ୱାସନା ଦେବାକୁ ଚେଷ୍ଟା କରୁଥିଲେ ଅରିନ୍ଦମ।

ପୁଅ ମାଆକୁ ଯଥା ସମ୍ଭବ ଆଶ୍ୱାସନା ଦେଇ ଘର ଛାଡିଥିଲା। ଗୋଟିଏ ମାଆ ମନରେ କେତେ ଚିନ୍ତା କେତେ ଉଦବେଗ ବୁଝି ପାରୁଥିଲେ ଅରିନ୍ଦମ। ଯେତେ ଯାହା ଉପରକୁ କହିଲେ ବି ସେ ବି ବାପା ହିସାବରେ ନିଜେ ଟିକିଏ ଜଡସଡ ହୋଇ ଯାଉଥିଲେ ଭିତରେ ଭିତରେ।

ବିଜୟା ଚୁପଚାପ୍ ବସିଥିଲେ। ମନେ ପଡ଼ିଲା ବିକ୍ରମର ଛୋଟ ବେଳର କଥା।ଏଇ ନଅ ଦଶ ବର୍ଷର ହୋଇଥିବ। ସ୍କୁଲରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ବିଷୟବସ୍ତୁ ଥିଲା -' ଇୟୁର୍ ଡ୍ରିମ୍'। ପ୍ରଥମ ପୁରସ୍କାର ପାଇଥିଲା ବିକ୍ରମ। ତା'ର ଚିତ୍ର ଥିଲା - ସବୁଜ ରଙ୍ଗର ଟୋପି, ପୋଷାକ, କାନ୍ଧରେ ରାଇଫଲ୍,ଭଗତ ସିଂ ଙ୍କ ଭଳି ନିଶ ରଖିଥିବା ଯୁବକଟିଏର ଚିତ୍ର। ଉପରିଭାଗରେ ଯୁଦ୍ଧ ବିମାନ ର ଛୋଟ ଏକ ନକ୍ସା।

ସେଇ ଚିତ୍ର ଦେଖି ଅରିନ୍ଦମ ଖୁସିରେ ନାଚି ଉଠିଲେ ଯେମିତି। କହିଲେ - 'ମାଇଁ ସନ ଉଇଲ ବି ଏ ଗ୍ରେଟ୍ ଫାଇଟର।' ସେଦିନ ବିଜୟା ଙ୍କ ମା' ମନ କିନ୍ତୁ ଗୁମୁରି ଉଠିଥିଲା। ଯୁକ୍ତି କରିଥିଲେ ସ୍ୱାମୀଙ୍କ ସହିତ।

-' କାହିଁକି ଆଉ କ'ଣ କିଛି ରାସ୍ତା ନାହିଁ ଆମ ପୁଅ ପାଇଁ।ତା ପିଲା ମନରେ ଗୋଟିଏ ନିର୍ଦ୍ଦିଷ୍ଟ ଚିନ୍ତାଧାରା ନପୁରାଇ ବିଭିନ୍ନ ଦିଗ ବିଷୟରେ କହିବା ଉଚିତ୍। ତାପରେ ତା ବାଟ ସେ ନିଜେ ହିଁ ବାଛିବ।' ଅବିନାଶ ଆଉ କିଛି କହିନଥିଲେ ସେଦିନ।

ଆହୁରି ପଛଦିନକୁ ଫେରିଲେ ବିଜୟା। ପୁଅ ଖଟ ଉପରେ ଶୋଇ ଶୋଇ ଅନେକ ସମୟରେ ଏପଟସେପଟ ଚାହିଁ ହାତ ଗୋଡ ହଲାଇ ଖେଳେ।ତା ପିଲାମନ କ'ଣ ଭାବୁଥାଏ କେଜାଣି ! ଅରିନ୍ଦମ ଦିନେ କହିଲେ -' ଦେଖ ପୁଅ କେମିତି ପ୍ୟାରେଡ ଅଭ୍ୟାସ କରୁଛି ଏବେଠୁ।ଦେଖ ତା ମୁହଁରେ କେମିତି ହସ ଖେଳୁଛି।' ହେଲେ ପର ମୂହୁର୍ତ୍ତରେ ବିଜୟା ଙ୍କ ଉଦାସ ମୁହଁ ଦେଖି ସବୁ ବୁଝିଗଲା ପରି ଚୁପ୍ ରହିଲେ।

ପରିସ୍ଥିତିର ଫାଇଦା ଉଠାଇବାକୁ ବିଜୟା କହିଲେ -'ମୋ ପୁଅ ତ ଦେଖୁଛି ଘର, କାନ୍ଥ,ଛାତ, ଫ୍ୟାନ ଇତ୍ୟାଦିର ନିର୍ମାଣ ଶୈଳୀ। ସେ ଭାବୁଛି ଏ ସବୁ ଜିନିଷରେ କିଛି ଚମତ୍କାରିତା ନାହିଁ। ସେଥିପାଇଁ ହସୁଛି। ସେ ହେବ ସାଇଣ୍ଟିଷ୍ଟ।ବିଶ୍ୱ ବ୍ରହ୍ମାଣ୍ଡର ଅଜଣା ତଥ୍ୟକୁ ସାମ୍ନାକୁ ଆଣିବ।' ଏତିକି ବେଳକୁ ପୁଅର ଡାଇପର ବଦଳେଇବାକୁ ବିଜୟାଙ୍କୁ ଚେତେଇ ଦେଲେ ଅରିନ୍ଦମ।

ବିଜୟା ଡାଇପର ପାଇଁ ଗଲାବେଳକୁ ଅରିନ୍ଦମଙ୍କୁ ଜଗାଇ ଦେଇ ଯାଇଥିଲେ ପୁଅକୁ। ପୁଅ ଯେ କେତେବେଳେ ଛୁଞ୍ଚି ରେ ହାତ ପକେଇ ଦେଇଛି ଜଣାନାହିଁ ଅରିନ୍ଦମ ଙ୍କୁ। ବିଜୟା ଆସି ପୁଅ ହାତରେ ରକ୍ତ ଦେଖି ଭୟରେ ଏକରକମ ଚିତ୍କାର କରି ଉଠିଲେ। ଅରିନ୍ଦମଙ୍କ ଉପଚାରରେ ପୁଅ ହାତରୁ ରକ୍ତ ସ୍ରାବ ବନ୍ଦ ହୋଇ ଯାଇଥିଲା ଖୁବ୍ ଶୀଘ୍ର।

ତଥାପି ବିଜୟା ଆରମ୍ଭ କରିଦେଲେ ସ୍ୱାମୀଙ୍କ ଉପରେ ଦୋଷାରୋପ।

'ମୁଁ ବସି ପୁଅକୁ ଜଗି ସିଲେଇ କରୁଥିଲି। ତୁମେ ନୂଆ ଡାଇପର ଆଣି ବଦଳେଇ ଦେଇଥିଲେ ଏମିତି ଦୁର୍ଘଟଣା ହେଇନଥାନ୍ତା ।ଯିଏ ନିଜ ପୁଅର ଦାୟିତ୍ୱ ନେଇପାରୁ ନାହାନ୍ତି , ସେ କେମିତି ଦେଶର ଦାୟିତ୍ୱ ସମ୍ଭାଳୁଛନ୍ତି ଟି ହାଇଲା ଭଳି କହିଲେ ବିଜୟା।

-' ଦି ଚାରି ବୁନ୍ଦା ରକ୍ତ ଦେହରୁ ପଡ଼ିଗଲେ ତୁମେ ଏତେ ନର୍ଭସ ହେଉଛ, ହେଲେ ଗୋଟିଏ ସୈନିକ ଦେଶ ପାଇଁ କେତେ ଯେ ରକ୍ତ ବୁହାଇ ଦିଏ ତୁମେ ଜାଣିଛ !'

ବାସ୍ ବିଜୟାଙ୍କୁ ଆଉ ସମ୍ଭାଳେ କିଏ ? ଚିହିଁକି ଉଠିଲେ ସ୍ୱାମୀଙ୍କ ଉପରେ। - 'ଏମିତି କଥା କହିବାକୁ ତୁମର ଇଚ୍ଛା କେମିତି ହେଲା ? ତୁମେ ଭଲ୍ୟୁଣ୍ଟାରୀ ରିଟାୟାରମେଣ୍ଟ ନେଇଯାଅ ଏବେ ଏବେ।ଆଉ ମନେରଖ। ମୋ ପୁଅକୁ କେବେ ବି ଅନୁମତି ଦେବିନି ତୁମ ସ୍ୱପ୍ନ ପୂରଣ କରିବାକୁ।

ବିଜୟାଙ୍କ କଥାରେ କିନ୍ତୁ ହତୋତ୍ସାହିତ ହୋଇ ନଥିଲେ ଅରିନ୍ଦମ। ପୁଅର ପ୍ରଥମ ଜନ୍ମଦିନରେ ସେ ବିଜୟା ଙ୍କ ବରାଦ ଅନୁସାରେ ଆଣି ଦେଇଥିଲେ ପ୍ରଭୁ ଜଗନ୍ନାଥଙ୍କ ଛବି ଥିବା ସୁନାର ଲକେଟ୍ ଆଉ ନିଜ ତରଫରୁ ପୁଅ ପାଇଁ ଆଣିଥିଲେ ସବୁଜ ରଙ୍ଗର ପୋଷାକ,ଟୋପି ଆଉ ଖେଳନା ରାଇଫଲ ଟିଏ। ହେଲେ ପ୍ରଥମଥର ବିଜୟା ଏସବୁ ଦେଖି ହସିଥିଲେ। ପୁଅକୁ ପିନ୍ଧାଇ ଥିଲେ ବି ସେଇ ଡ୍ରେସ୍। ପୁଅ ଦିଶୁଥିଲା ଅପୂର୍ବ ସୁନ୍ଦର !

ବିଜୟା ଦେଖୁଥିଲେ ପୁଅର ଗାଢ଼ ନୀଳ ଆଖିର ଡୋଳାକୁ।ସଫା ଧଳା ଆଖିରେ ଗାଢ଼ ନୀଳ ଡୋଳା ଓ ଘନ କଳା ଭୁଲତା।ଟୋପି ତଳକୁ ଝୁଲିପଡ଼ିଥିଲା କିଛି କୁଞ୍ଚୁକୁଞ୍ଚିଆ କେଶ। ଖୁସିରେ ପ୍ରଗଳ୍ଭା ହୋଇ ଯାଉଥିଲେ ଯେମିତି..!

କ୍ଷଣିକରେ ଚମକି ପଡିଲେ ନିଜେ। ପୁଅ ଉପରେ ନଜର ପକାଉଛନ୍ତି ନିଜେ ମାଆ ହୋଇ..!!

ବିଧିର ବିଧାନ ବିଚିତ୍ର। ଦ୍ୱାଦଶ ପରୀକ୍ଷା ପରେ ବିକ୍ରମ ଏନ୍ ଡି ଏ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେଲା। ସେଥିରେ ଯୋଗ ଦେବାକୁ ଉତ୍ସାହିତ ହୋଇପଡିଲା।ବିଜୟା ବୁଝାଇଥିଲେ ଆଇ ଆଇ ଟି କିମ୍ବା ମେଡିକାଲ ଏଣ୍ଟ୍ରାନସ ଦେବାକୁ। ହେଲେ ସେ ବୁଝାଇ ମନେଇ ଦେଇଥିଲା ମାଆକୁ।

ବିକ୍ରମ ତା ପସନ୍ଦର ଏୟାର ଫୋର୍ସ ଇନଷ୍ଟିଚ୍ୟୁଟରେ ସିଟ୍ ପାଇଥିଲା।ଖୁସିରେ ଯେମିତି ତା'ର ଡେଣା ଲାଗିଯାଇଥିଲା। ପୁଅର ସଫଳତା ଆଉ ଖୁସିରେ ସାମିଲ୍ ହୋଇ ପାରୁନଥିଲେ କିନ୍ତୁ ବିଜୟା।

ଏବେ ପୁଅକୁ ବାଇଶ ବର୍ଷ।ସରଳ,ସତେଜ, ବିଶ୍ୱାସ ଭରା ତା'ର ଚାହାଣି। ମୁହଁ ସଦା ହସ ହସ । ଆଃ.. କୋଟିଏରେ ଗୋଟିଏ। ସେ ଦୂରରେ ଥିଲେ ବି ଦିଶିଯାଏ ତା'ର ଛବି, ତା'ର ଠାଣି..!

ଯୁଦ୍ଧ ସରିଛି । ବିକ୍ରମ ଶତ୍ରୁ ପକ୍ଷର ଶିବିର ଧ୍ୱଂସ କରିଛି ।ଏକା ଷୋହଳ ଜଣଙ୍କୁ ନିପାତ କରିଛି ବୋଲି ସମ୍ବାଦପତ୍ର, ଟିଭି ଚ୍ୟାନେଲ ମାନେ ତା ପ୍ରଶଂସାରେ ଶତମୁଖ। ହେଲେ ପୁଅ ସହିତ କଥା ହୋଇ ପାରିନଥିବା ବିଜୟା ଏବଂ ଅରିନ୍ଦମ ଚିନ୍ତା ରେ ଅଛନ୍ତି।

ହଠାତ୍ ଖବର ଆସିଲା ନିଖୋଜ ବିକ୍ରମ ମିଳିଛି।

ପୁଅ ଆଜି ଫେରୁଛି। ପ୍ରତୀକ୍ଷିତ ବିଜୟା ଆଉ ଅରିନ୍ଦମ। ପୁଅ ଏକା ଆସିନାହିଁ। ଆସିଛନ୍ତି ତା ସାଥିରେ କେତେ ଜଓ୍ୱାନ। ବିକ୍ରମ କୁଆଡେ ଯୁଦ୍ଧର ନାୟକ। ଶତ୍ରୁକୁ ମୁହଁ ତୋଡ ଜବାବ ଦେଇଛି। ତେଣୁ ସାଥି ମାନେ ତାକୁ କାନ୍ଧରେ ବୋହି ପଟୁଆର ରେ ଆଣୁଛନ୍ତି।ତା ଜନ୍ମ ବେଳକୁ ସିନା ଆସିଥିଲେ ନିମନ୍ତ୍ରିତ ଅତିଥି ମାନେ। ଆଜି ଆସିଛନ୍ତି ଅନିମନ୍ତ୍ରିତ ଅଗଣିତ ଲୋକ। ଆସିଛନ୍ତି ସେମାନେ ବିଜୟୀ ବୀରକୁ ଦେଖିବା ପାଇଁ।

ହେଲେ ଚାରିଆଡେ ସ୍ତବ୍ଧ..! କୋଳାହଳ ଶୂନ୍ୟ ପରିବେଶ।

ପୁଅ ଯେମିତି ଗେଟ୍ ପାଖରୁ ଦୁଇ ଖେପାରେ ମାଆ ପାଖରେ ପହଞ୍ଚ ? ଆଜି ଆସିନି। ଏଥର ତା ଆଙ୍ଗୁଳି ଆଉ ମାଆର ପାଦ ଛୁଇଁନି।

ବିଜୟା ନିଜେ ଏଥର ନସର ପସର ହୋଇ ଧାଇଁଛନ୍ତି ପୁଅ ପାଖକୁ।

ପୁଅର ହାତର ଆଙ୍ଗୁଳି ଗୁଡିକ ଦିଶୁନାହିଁ କାହିଁକି ? ପାଦ ଦୁଇଟାକୁ କିଏ ଅଲଗା କରିଛି ତା ଦେହରୁ..? ବିନ୍ଦୁଏ ନୁହେଁ ସିନ୍ଧୁଏ ହେବ ରକ୍ତ ତା ପୋଷାକକୁ ରକ୍ତ ଜୁଡୁବୁଡୁ କରି ଶୁଖି ଯାଇଛି। ଗୋରା ତକତକ ଦେହରେ ତା'ର କିଏ ଲେପି ଦେଇଛି ରକ୍ତିମ ଫଲଗୁ ! ତା'ର ଢଳ ଢଳ ନୀଳ ଆଖି ଦୁଇଟିକୁ କିଏ ଉତାରି ନେଇଛି..?କାନ ଦୁଇଟି ବି ଉଭାନ...!!

ଆଉ ପୁଅକୁ ଦେଖି ପାରୁନଥିଲେ ବିଜୟା।ଲୋଟି ପଡିଲେ ପୁଅ ଉପରେ..!

ପୁତ୍ରହରା ମାଆ ର ବାହୁନା କିଛି କ୍ଷଣରେ ନୀରବି ଯାଇଥିଲା। ବିଜୟା ଆଉ ଇହ ଜଗତରେ ନାହାନ୍ତି ବୋଲି ଡାକ୍ତର ଘୋଷଣା କଲେ।

ବିଜୟା ପୁଅକୁ କୋଳରେ ବସେଇ ବିମାନରେ ସ୍ୱର୍ଗାରୋହଣ କରୁଛନ୍ତି...!! ସେମିତି କିଛି ଦୃଶ୍ୟ ତାଙ୍କ ସ୍ୱପ୍ନରେ ବାରମ୍ବାର ଆସେ ବୋଲି କୁହନ୍ତି ଅରିନ୍ଦମ। ସେଇ ସମୟରେ ଲୁଚେଇବାକୁ ଚାହିଁ ବି ସେ ଲୁଚାଇ ପାରନ୍ତିନି ତାଙ୍କ ଅଶ୍ରୁ ସଜଳ ଆଖିକୁ...!!!

*କୁଞ୍ଜବିହାରୀ ଲେନ, କଟକ*
*ମୋ :୯୪୩୮୧୭୫୫୪୨*

## ପ୍ରେମ ପ୍ରଣୟର ରଙ୍ଗ

*ରତ୍ନକାନ୍ତି ମିଶ୍ର*



ଚୁଆ ଚନ୍ଦନର ଚଇତାଳି ତୁମେ
ଝରା ବଉଳର ବାସ
କୃଷ୍ଣଚୂଡ଼ାର କମ୍ର ଅଧରରେ
ଧାରେ ମୋନାଲିସା ହସ
ଋତୁରେ ଫଗୁଣ ମାସ
ମଧୁ ମଳୟର ମୃଦୁ ହିଲ୍ଲୋଳରେ
କନକ ଚମ୍ପାର ରାସ ॥
ପଦ୍ମ ପଳାଶର ପାଖୁଡ଼ାର ତୁମେ
ରଙ୍ଗ ଫଲଗୁର ରେଣୁ
ରକ୍ତ କରବୀର ଲଲାଟ ସିନ୍ଦୁର
ଗୋଧୂଳି ପହର ବେଣୁ
ବୃନ୍ଦାବନ କୁଞ୍ଜ ରାଇ
ରାସଲୀଳା ଶୋଭା ଖୁସି ବର୍ଷବିଭା
ଉଜାଣି ଯମୁନା ନଈ ॥
ମନହଂସ ପୁର ବନ ପିକ ତୁମେ
ତନ୍ମୟ ବୀଣାର ସୁର
ଚୂତ ବୃକ୍ଷଡାଳେ ହଳଦୀ ବସନ୍ତ
ଶୋଭା ପରା ବସନ୍ତର
ଇନ୍ଦ୍ରଧନୁ ମନେ ଭାଳି
ଆନମନା ତୁମ ତନୁ ବଲ୍ଲରୀରେ
ସପ୍ତରଙ୍ଗ ଦେବି ବୋଳି ॥
ଜୋଛନା ନିଆଁରେ ଜଳାଏ ରଜନୀ
ଅପାଶୋରା ଯେତେ ସ୍ମୃତି
ପ୍ରୀତି ଫଲଗୁରେ ଭିଜାଅ ମୋ ମନ
ସପନରେ ତୁମେ ସାଥୀ
ସବୁଜ ନାରଙ୍ଗୀ ନାଲି
ପ୍ରେମ ପ୍ରଣୟର ରଙ୍ଗ ଅବିରରେ
ଖେଳିବା ଆସ ଗୋ ହୋଲି ॥

*କୁଞ୍ଜବିହାରୀ ଲେନ, କଟକ*

## ମନଖୋଲା କଥା ପ୍ରିୟା ସହିତରେ

*ନିରଞ୍ଜନ ସାହୁ*



ପ୍ରିୟା ସହିତରେ ମନଖୋଲା କଥା
ଯେଉଁଦିନ ହୁଏ ଜାଣ
ସେଦିନ କଥାରେ ମାନ ଅଭିମାନ
ପଡିଯାଏ କେତେ ରାଣ ।
ବୁଝି ମୁଁ ପାରେନା ଏତେ ରାଗରୁଷା
କେଉଁଠାରୁ ପରା ଆସେ
ଓଠ ଥରୁଥାଏ ଲୁହ ଝରୁଥାଏ
ସବୁ ଦୁଃଖକଷ୍ଟ ନାଶେ
ଭଙ୍ଗା ହୃଦୟଟା ଆପେଆପେ ପୁଣି
ହୋଇଯାଉଥାଏ ଟାଣ ।
ଏତେ ଅନୁରାଗ ଭରି ଯାଇଥାଏ
ବୁଝାଇ ହେବନି ତାହା
ମନ ଚାହୁଁଥାଏ ଟିକେ ଦେହଛୁଆଁ
ବାକି ରହିଥାଏ ଯାହା
ପ୍ରିୟା କହୁଥାଏ, ' ସବୁ ତ ତୁମର
ଆଗେ ବୋହୂ କରି ଆଣ ।'
ଲୁଚାଛପା ପ୍ରେମ କେତେଦିନ ଅବା
କେବେ ପରିଣୟ ହେବ
କଳ୍ପନାଜଳ୍ପନା ସପନ ଯେତେକ
ବାସ୍ତବ ରୂପଟି ନେବ
କେଉଁଦିନ ବର ବେଶ ସାଜି ଯିବି
ଶୁଭୁଥିବ ବାଜାବାଣ ?

*ନିହଲ ପ୍ରସାଦ, ଗଁଡିଆ ପାଟଣା*
*ଢେଙ୍କାନାଳ*

## କଳାକାର

*ସୁଧାକର ରାଉତ*



କିଏ ସେଇ ଶିଳ୍ପୀ
କି ଭାବନା ମନେ ନେଇ
ମୁହେଁ ଲେସି ଦେଲା
ରାତ୍ରିର ଗାଢ଼ ଅନ୍ଧାରର କଳା
ଆଉ ସମଗ୍ର ଚରାଚର ବିଶ୍ୱକୁ
ଦେଖିପାରୁଥିବା ଦୁଇଟି ଚକାଚକା ଡୋଳା।
ସେ କାଳିମାରେ ମିଶ୍ରିତ
କୋଟି କୋଟି ମନରେ ଲହଡ଼ି ମାରୁଥିବା
ବୁଢିଆଣୀ ଜାଲ ପରି ଛନ୍ଦାୟିତ
ଅସୁମାରୀ ଭାବର ପରିଭାଷା ।
ସେ କଳା ମଧ୍ୟେ ଲୁକ୍କାୟିତ
ବଞ୍ଚିବାର ସବୁ ଅବଲମ୍ବନ
ଦୁଃଖ, ଯନ୍ତ୍ରଣା, ଯାତନା ଆଦି
ଦୂରୀଭୂତ ହେବାର ସହଜ ଅଥଚ
ଭାବପୂର୍ଣ୍ଣ ସାଧନ ।
ସେଥିପାଇଁ ସବୁ ପ୍ରାର୍ଥନା ତା ପାଖରେ
ହୋଇଯାଏ ମଉନ ।
ସବୁ କଳା କ୍ଷଣକେ
ଯାଏ ଉଭେଇ
ତା ରଙ୍ଗାୟିତ ଅଧରରେ ଲାଖି ରହିଥିବା
ହସ ପାଖରେ ।
ସେ କଳାତ ଲମ୍ବିଛି
ଭୂମିରୁ ଭୂମାଯାଏ
ସେ ଅସାଧାରଣ କଳା ଅସାମାନ୍ୟ
ଯେଣୁ ସେ କଳା ତାହାରି ସୃଜନ ।

*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ଫଗୁ ଦେବା ଦେହେ ବୋଳି

*ରାମଚନ୍ଦ୍ର ବେହେରା*



ଦ୍ୱାପର ଯୁଗରେ ପୂଣ୍ୟ ଗୋପପୁରେ
ଫଗୁ ଖେଳୁଥିଲେ କାହ୍ନା
ଫଗୁ ପରଶରେ ଭିଜୁଥିଲେ ରାଇ
ପୁଣି ଗୋପୀ ଗୋପାଙ୍ଗନା
ସେହି ପରବକୁ ଗର୍ବ ?
ପାଳି ଆସୁଛନ୍ତି ଫଗୁଣର ଅନ୍ତେ
ଆନନ୍ଦ ଉଲ୍ଲାସେ ସର୍ବ ?।
ଫଗୁରଂଗ ଦିଏ ଆତ୍ମୀୟତା ଭାବ
ହୃଦୟେ ପ୍ରେମ ପରଶ
ସବୁ ରଂଗ ଠାରୁ ପ୍ରେମ ରଂଗ ଗାଢ
ସଭିଁକୁ କରଇ ବଶ
ରାଗ ରୋଷ ଯାଏ ଭୁଲି
ନାଲି ହଳଦିଆ ନୀଳ ରଂଗେ ହୋଲି
ପ୍ରେମ ରଂଗ ଦିଏ ଢାଳି।
ହୋଲି ଆଣିଦିଏ ଶାନ୍ତି ଓ ଅହିଂସା
ପ୍ରାଣ ହୁଏ ଉଲ୍ଲସିତ
କପଟ ସ୍ୱଭାବ ଦୂରେଇ ପରାଣୁ
ପ୍ରେମ ହୁଏ ପ୍ରକଟିତ
ହୋଲି ଅଟଇ ମହାନ
ପୁତନା ହୋଲିକା ମନ୍ଦ ବୁଦ୍ଧି ପାଇଁ
ହୋଇଥିଲେ ଭବୁ ଲୀନ।
ଆମ ପରମ୍ପରା ସଂସ୍କୃତିରେ ଭରା
ସବୁଠୁ ଲାଗେ ନିଆରା
ଫଗୁ ଭରିଦିଏ ସେନେହ ମମତା
ହୃଦୟରେ ଭାଇଚାରା
ଆସରେ ଖେଳିବା ହୋଲି
ରାଇ ଦାମୋଦର ନାମ ତୁଣ୍ଡେ ଗାଇ
ଫଗୁ ଦେବା ଦେହେ ବୋଳି।

*ତେନ୍ତୁଳିପଦା,ଜଗତସିଂହପୁର*

## ମନେ ପଡେ ଘର ଡାଲମା

*ଜଗଦୀଶ ପଣ୍ଡା*



ଘରଠୁ ଦୂରେ ଦୂର ସହରେ
ଛୁଟିଦିନର ଦ୍ୱିପହରେ
ହଷ୍ଟେଲର ଖାଦ୍ୟ ଖାଉ ଖାଉ
ମନେ ପଡେ ଘର ଡାଲମା
ସକାଳୁ ସକାଳୁ ତଟକା ପରିବା
କୁଢା ହୁଏରେ ପାହାଡ଼ ପରିକା
ରୋଷେଇ ଘରର ରୂପ ବଦଳେ
ପନିପରିବାର ସମ୍ଭାର ଲାଗିଲେ
ଜଣାପଡେ ଆଜି ମା କ'ଣ ରାନ୍ଧିବେ
ଡାଲମା ହେବ ବୋଧେ ନିଶ୍ଚିତ ଭାବେ
କଦଳୀ ନଡ଼ିଆ ଛଟା କଖାରୁ
ବାଡି ବାଇଗଣ ସଙ୍ଗେ ସାରୁ
ସେଥିରେ ପଡେରେ ଦେଶୀଆଳୁ
ଅନ୍ୟାନ୍ୟ ପନିପରିବା ସକାଳୁ
ଡାଲିଟା ପକେଇ ହେଙ୍ଗୁ ଟିକେ ଦେଇ
ଛୁଙ୍କ ଦିଏରେ ଡାଙ୍କୁଣି ହଟେଇ
ଗୁଆ ଘିଅ ଛୁଙ୍କ ବାଜିଲେ ନାକରେ
ଡାଲମାର ମହକ ଖେଳେ ଘରେ
ଟିକେ ଶୁଙ୍ଘିଦେଲେ ପେଟ ପୁରେ
ତା ବାସ୍ନାରେ ମନରେ ଲୋଭ ଆସେ
ଲେମ୍ବୁ ଲଙ୍କା ଧରି ପ୍ରଥମରେ ବସେ
ଶାଗ ଟିକେ ଥିଲେ ସ୍ୱାଦ ବଢିଯାଏ
ଖାଇଦେଲେ ଆତ୍ମା ତୃପ୍ତି ହୋଇଯାଏ
ଦୂରେ ରହି ସେ ଖାଇବା ଝୁରୁଛି
ନିଜ ହାତ ରନ୍ଧାରେ କି ପେଟ ପୁରୁଛି
କି ଲେଖିବି ଆଉ ଡାଲମାର କଥା
ଭାବିଦେଲେ ଓଠରେ ପାଣି ଆସିଗଲା।

*ଅଲାଡିଗାଁ, ଗଂଜାମ*

## ଉଦାସ ରାତି

*ପୂର୍ଣ୍ଣଚନ୍ଦ୍ର ବହଳୀ*



ଉଦାସ ଭରା ରାତି
ନିଶ୍ୱାସ ପ୍ରଶ୍ୱାସ ବି ଲାଗେ ବୋଝ
ବିତିଯାଇଥିବା ଦୁଃଖର ବେଦନାରେ...
ଦିନରେ ବେଦନାକୁ ଲୁଚାଇବାର ପ୍ରୟାସ
ଏ ଅଧୁରା ଜୀବନ ନେଇ ଥକି ପଡିଲିଣି
କେହି ଟିକେ ସୂର୍ଯ୍ୟଙ୍କୁ କହିବେ କି
ସେ ବି ତାଙ୍କ ସହିତ
କେଉଁଠି କରି ଦିଅନ୍ତେ ଅସ୍ତ....
ହୃଦୟରେ କଷ୍ଟ କିନ୍ତୁ ଶବ୍ଦ ନାହିଁ
ଆଖିର ଅନେକ ସ୍ୱପ୍ନ
କିନ୍ତୁ ଶାନ୍ତିରେ
ନିଶ୍ୱାସ ନେବାକୁ ବେଳ ନାହିଁ
ଜଳୁଛି ମୁଁ କିନ୍ତୁ ଧୂଆଁ ନାହିଁ
କାନ୍ଦୁଛି ଲୁହନାହିଁ.....

ଏ ରାତି ଭାରି ଉଦାସ
ପୁନଶ୍ଚ ସକାଳର ସ୍ୱପ୍ନରେ
ଡୁବିବାକୁ ପାଉନାହିଁ ସାହାସ
କେହି ଟିକେ ସୂର୍ଯ୍ୟଙ୍କୁ କହନ୍ତେ କି
ତାଙ୍କ ସହ ଡୁବାଇଦିଅନ୍ତେ
ଯେଉଁଠି ନ ଥିବ
ବେଦନା ଲୁଚାଇବାର ପ୍ରୟାସ
ଯେଉଁଠି ନେଇପାରିବି ଶାନ୍ତିରେ
ନିଶ୍ୱାସ...।

*ସମ୍ପାଦକ, 'ଶିବାନୀ'*
*ଭଦ୍ରକ*

## ଆସିଛି ପରବ ହୋଲି

*ଆଦ୍ୟାଶା ମହାପାତ୍ର*



ବସନ୍ତରେ ଆଜି ଆସିଛି ହୋଲି
ଅନୁପମ ରଙ୍ଗ ପସରା ମେଲି
ରାଧା କୃଷ୍ଣ ବିଜେ ଦୋଳ ବିମାନେ
ଖେଳନ୍ତି ଅବିର ଆନନ୍ଦ ମନେ,
ଦେଖ ହସୁଛି ଫଗୁଣ
ଆହା କି ସୁନ୍ଦର ଦୋଳ ମେଳଣ ॥
ଭକ୍ତ ଭଗବାନ ଏକ ଅଭିନ୍ନ
ଆତ୍ମା ପରମାତ୍ମା ହୁଏ ମିଳନ ,
ଶାଶ୍ୱତ ପ୍ରେମ ଯେ ପୂତ ପବିତ୍ର
ରାଧାକୃଷ୍ଣ ରାସ ହୋଲିର ତତ୍ତ୍ୱ ,
ଦ୍ୱାପର ଯୁଗର କଥା
ଜଗତେ ବାଣ୍ଟଇ ନିଗୂଢ଼ ବାର୍ତ୍ତା ॥
ଶରଣ ରକ୍ଷଣ ପ୍ରଭୁ ଶ୍ରୀହରି
ଭକ୍ତ ପ୍ରହଲ୍ଲାଦେ ସୁଦୟା କରି
ରଖିଲେ ଭକତ ମାନ ମହତ
ହୋଲିକା ଅସୁରୀ ହେଲା ନିହତ ,
ହୋଲି ତା'ର ନିଦର୍ଶନ
କରୁଛି ଅତୀତ ସ୍ମୃତି ବହନ ॥
ସ୍ନେହ ସଂପ୍ରୀତିର ପରବ ହୋଲି
ମାନ ଅପମାନ ଯିବାରେ ଭୁଲି
କ୍ରୋଧ ହିଂସା ଦ୍ୱେଷ ଦେବା ଦୂରେଇ
ପ୍ରୀତି ରଙ୍ଗେ ମନ ଦେବା ସଜେଇ,
ମର୍ତ୍ତ୍ୟେ ବିରାଜିବ ମୈତ୍ରୀ
ପ୍ରତିଟି ଜୀବନେ ଫେରିବ ଶାନ୍ତି ॥

*ନୂଆପଡା, କଟକ*

## ଭଲ ସାଥୀଟିଏ

*କବିରତ୍ନ ନୂତନ କୁମାର ବେହେରା*



ଜୀବନ ବଗିଚାକୁ ସୁନ୍ଦର କରିବା ସକାଶେ
ଋତୁରାଜ ଯେବେ ତା ସମ୍ଭାର ନେଇ ଆସେ
ମୃଦୁ ମଳୟ ବହେ ଫଗୁଣର ଫୁଲ ଫୁଟେ
ତା ମହକ ପରିବେଶକୁ ମହକାଇ ଦିଏ
କଅଁଳ ଓଠରେ ଖେଳିଯାଏ ପ୍ରୀତିର ହସ
ପ୍ରେମର ଭାବରୁ ଝରି ପଡ଼େ ମଧୁରସ
କେବେ ପୁଣି ମନର ନୀଳ ଆକାଶରୁ
ସ୍ୱପ୍ନ ତୁଟିଗଲେ ଦରଦିଆ ଆଖିରୁ
ଝରେ ଶ୍ରାବଣର ଲୁହ ଧାରା
ଦୁଃଖ ଯନ୍ତ୍ରଣା ଭରା ଲାଗେ ଧରା
ବାଣ୍ଟିବାକୁ ଆତ୍ମୀୟତା ହସରେ ଲୁହରେ
ଭାବ ବିନିମୟ କରିବାକୁ ଏକାତ୍ମାରେ
ଯିଏ ମନକୁ ଆପଣାପଣେ ମୋହିନିଏ
ରହିଥାଏ ସଦା ବିଶ୍ୱସ୍ତ ହୋଇ
ଦୂରେଇ ଯାଏନା ପ୍ରତାରଣା ଦେଇ
ସ୍ୱଚ୍ଛ ବିଚାର କରି ପ୍ରେରଣା ଦିଏ
ବିନିମୟେ ତାର ସ୍ୱାର୍ଥ କିଛି ନ ଥାଏ
ନିଜ ଜୀବନ ସମ ଭାବେ ସାଥୀକୁ
ମିଛ ମାୟା ସ୍ପର୍ଶ କରେନା କେବେ ତାକୁ
ଶ୍ରଦ୍ଧା ସରାଗର ଏକ ଡ଼େରେ
ଦୁହିଁଙ୍କ କାୟା ବନ୍ଧାଥାଏ ଏକ ଆତ୍ମାରେ
ଶ୍ରୀକୃଷ୍ଣ ସୁଦାମା ଶ୍ରୀରାମ ସୁଗ୍ରୀବ
ବନ୍ଧୁ/ସାଥୀ ରୂପେ ଉଦାର ମନୋଭାବ
ନିଜର ଆଦର୍ଶ ନେଇ ହୁଅଇ ସେ ତୁଲ
ସୃଷ୍ଟିର ତତ୍ତ୍ୱରେ ସୂକ୍ଷ୍ମ ସୂକ୍ଷ୍ମକୁ ସ୍ଥୁଳ ସ୍ଥୁଳକୁ
ରହିଛି ଚିର ଆକର୍ଷଣ କରିବାକୁ
ନିୟତିର ନିୟମରେ ଚାଲିଛି ସଂସାର
ବ୍ୟତିରେକରେ ବ୍ୟତିକ୍ରମ ସବୁ ଅବାନ୍ତର
ଭଲ ସାଥୀଟିକୁ ମିଳେ ଭଲ ସାଥୀଟିଏ
ମାନବ ସମାଜ ତାଙ୍କର ଗୁଣ ଗାଏ......।

*କୋହି, ବାରିପଦା, ମୟୂରଭଞ୍ଜ,*

## ପଣ୍ଡିତ ବୀରବଲ


ବିଜୟ କୁମାର ଛାଟୋଇ

ସମ୍ରାଟ ଆକବରଙ୍କ ରାଜ ଦରବାରରେ ନଅ ଜଣ ପଣ୍ଡିତ ଥିଲେ । ଏହି ପଣ୍ଡିତମାନଙ୍କୁ ନବରତ୍ନ ପଣ୍ଡିତ ବୋଲି କୁହାଯାଉଥିଲା । ସମ୍ରାଟ ଆକବର ଏମାନଙ୍କ ଠାରୁ ପରାମର୍ଶ ଗ୍ରହଣ କରି ରାଜକାର୍ଯ୍ୟ ତୁଲାନ୍ତି । ଏହି ପଣ୍ଡିତମାନଙ୍କ ମଧ୍ୟରେ ବୀରବଲ ଥିଲେ ଅତ୍ୟନ୍ତ ବୁଦ୍ଧିମାନ ଓ ବିଚାରବନ୍ତ । ତାଙ୍କର ପରୋପକାରଗୁଣ ଯୋଗୁଁ ଲୋକେ ତାଙ୍କୁ ମାନୁଥିଲେ । ସମ୍ରାଟ ଆକବର ମଧ୍ୟ ବୀରବଲଙ୍କୁ ବହୁ ସମ୍ମାନ କରନ୍ତି। ରାଜ ଦରବାରରେ ଜିରାଛୁଙ୍କ ହେଲେ ବି ବୀରବଲଙ୍କୁ ଜଣାହୁଏ। ନଅଜଣ ପଣ୍ଡିତଙ୍କ ଗହଣରେ ବୀରବଲ ଥିଲେ ଶ୍ରେଷ୍ଠ ଜ୍ଞାନୀ । ତାଙ୍କ ପାଖରେ ଅହଂକାର ନ ଥିଲା । ଉପସ୍ଥିତ ବୁଦ୍ଧି ଯୋଗୁଁ ସେ ରାଜାଙ୍କର ପ୍ରିୟ ହୋଇଯାଇଥିଲେ। ଏକଥାଟିକୁ ରାଜଦରବାରର ଅନ୍ୟପଣ୍ଡିତମାନେ ଆଖି ସହି ପାରୁ ନ ଥିଲେ। ତେଣୁ ସେମାନେ ବୀରବଲଙ୍କ ଉପରେ ଖପ୍ପା ହେଉଥିଲେ। ବୀରବଲ ରାଜାଙ୍କର ଅତି ଘନିଷ୍ଠ ହୋଇଯିବାକାରଣରୁ ଅନ୍ୟ ପଣ୍ଡିତମାନେ ରାଗରେ ଗରଗର ହୁଅନ୍ତି । ସେମାନେ ବୀରବଲଙ୍କ ପାଇଁ ଫାନ୍ଦ ରଚିଲେ। ଅନେକ ମିଛ ଷଡଯନ୍ତ୍ର ଭିଆଇଲେ । ସମ୍ରାଟ ଆକବରଙ୍କ ଆଗରେ ବହୁ ଲଗେଇ ଯୁଟେଇ କହିଲେ। କିନ୍ତୁ ଆକବର ଅନ୍ୟ ପଣ୍ଡିତମାନଙ୍କ କଥା ଶୁଣୁ ନ ଥାଆନ୍ତି । ତେଣୁ ପଣ୍ଡିତମାନଙ୍କର ଚାଲ୍ ସବୁ ଫସର ଫାଟିଯାଏ।

ଦିନେ ଅନ୍ୟପଣ୍ଡିତମାନେ ଗୁପ୍ତ ସଭାଟିଏ କଲେ। ସେହି ସଭାରେ ଜଣକୁ ଦଳପତି ରଖିଲେ। ସେହି ଦଳପତି ଜଣକ ରାଜଦରବାରରେ ଏମାନଙ୍କ ତରଫରୁ ପ୍ରତିନିଧିତ୍ୱ କରିବ ବୋଲି ସିଦ୍ଧାନ୍ତ ହେଲା । ଆସନ୍ତା କାଲି ଦରବାର ବସିବ । ସମ୍ରାଟ ଆକବର ନିମନ୍ତ୍ରଣ ପଠାଇଲେ। ପଣ୍ଡିତମାନଙ୍କର ଆଖିରେ ନିଦ ନାହିଁ। କେମିତି ସକାଳ ହେଲେ ରାଜଦରବାରରେ ପହଞ୍ଚିବେ। ସକାଳ ପାହିଲା। ସମସ୍ତେ ନିତ୍ୟକର୍ମ ସାରି ସଭାରେ ଉପସ୍ଥିତ ହେଲେ । ସମ୍ରାଟ ମଧ୍ୟ ସିଂହାସନ ଆରୋହଣ କଲେ । ବୀରବଲ କୌଣସି କାରଣ ଯୋଗୁଁ ସେ ବାହାରକୁ ଯାଇଛନ୍ତି । ସେ ସଭାରେ ଅନୁପସ୍ଥିତ ରହିବେ ବୋଲି ସମ୍ରାଟ ଆକବର ଏକ ମିଛ ସୂଚନା ଦେଲେ। ବୀରବଲଙ୍କ ଅନୁପସ୍ଥିତ ଖବର ଶୁଣି ଅନ୍ୟ ପଣ୍ଡିତମାନେ ଭାରି ଖୁସି ହେଉଥିଲେ। ପରସ୍ପର କାନ କୁହାକୁହି ହେଲେ ଆମେ ଆଜି ସମ୍ରାଟଙ୍କୁ ମିଛସତ କହି ବୀରବଲକୁ ବଦନାମ କରିବା। ଏହି ପଣ୍ଡିତମାନଙ୍କର ହାବଭାବକୁ ସମ୍ରାଟ ଲକ୍ଷ୍ୟ କରି କହିଲେ - ଆହେ ଦଳପତି ପଣ୍ଡିତେ ! ଆପଣଙ୍କର ଆଜି ଜ୍ଞାନ ବୁଦ୍ଧି ପରୀକ୍ଷା ହେବ। ତୁମେ ଏଠାରେ ଉପସ୍ଥିତ ହୁଅ। ଏ କଥା ଶୁଣି ପଣ୍ଡିତଙ୍କର ପିହ୍ଲେଇ ପାଣି ! ସେ ଭୟରେ ଭୟରେ ସମ୍ରାଟଙ୍କ ନିକଟକୁ ଗଲେ। ସମ୍ରାଟ ତାଙ୍କୁ କିଛି ପ୍ରଶ୍ନ ପଚାରିଲେ। ସେହି ପ୍ରଶ୍ନର ଉତ୍ତରକୁ ଦେବାପାଇଁ ପଣ୍ଡିତେ ଦରବାରର ପଛପଟକୁ ତିନିଥର ଯିବାକୁ ପଡିଲା। କିନ୍ତୁ ବୀରବଲ ଏକା ଥରକେ ଉତ୍ତର ଦେଇ କହିଲେ - 'ଆଜ୍ଞା ! ଦରବାରର ପଛପଟେ ଗୋଟିଏ ମାଈକୁକୁର ପାଞ୍ଚ ?ଟି ଛୁଆ ଜନ୍ମ କରିଛି। ସେଥିରୁ ଦୁଇଟି ଅଣ୍ଡିରା
ଏବଂ ତିନୋଟି ମାଈଛୁଆ। ଅଣ୍ଡିରାରୁ ଗୋଟିଏ ଗାଢକଳା ଓ ଅନ୍ୟଟି ବାଦାମୀ ଅଟେ ଏବଂ ମାଈ ଛୁଆରୁ ଦୁଇଟି ଗାଢକଳା ଓ ଅନ୍ୟଟି ବାଦାମୀ ରଙ୍ଗର ଅଟନ୍ତି ।' ସମସ୍ତେ ବୀରବଲଙ୍କର ଉତ୍ତର ଶୁଣି ତାଟକା ହେଲେ। ଧୀର ଓ ସ୍ଥିର ବୁଦ୍ଧି ଯୋଗୁଁ ଏଭଳି ପ୍ରତିଯୋଗିତାରେ ବୀରବଲ ସଫଳ ହେଲେ। ଅନ୍ୟ ପଣ୍ଡିତମାନେ ଲାଜରେ ମୁହଁ ତଳକୁ କରୁଥାଆନ୍ତି। ତେଣୁ କୁହାଯାଏ -

' ରାଗ ରଷା କେବେ କରିବା ନାହିଁ
ଅହଂକାର ଗର୍ବ ଭଲ ନୁହଁଇ //
ଦଇବ ଦେଇଛି ଯାହାକୁ ଯାହା
ସୁଖେ ଭୋଗୁଥିବା ମରତେ ତାହା //

*ସାକ୍ଷୀଗୋପାଳ, ପୁରୀ*




# ଦୈନିକ ସମ୍ବାଦପତ୍ର ସତ୍ୟାଗ୍ରହୀର ଶୁଭାରମ୍ଭ



କଟକ (ପିଏନ୍): ବିଳମ୍ବିତ ରାତ୍ରିରେ ଆଠଗଡର ବଳରାମପୁର ସ୍ଥିତ ସର୍ପେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ବାରିକଙ୍କର କରକମଳରେ ଦୈନିକ ସମ୍ବାଦପତ୍ର ସତ୍ୟାଗ୍ରହୀର ଶୁଭ ଉନ୍ମୋଚନ ହୋଇଯାଇଛି। ବଉଳପଦାଗ୍ରାମରୁ ଏହି ସତ୍ୟାଗ୍ରହୀ ଅବିରତ ଭାବରେ ଶିବରାତ୍ରୀ (ଜାଗର) ୧/୩/୨୦୨୨ଠାରୁ ପ୍ରକାଶ ପାଇବାକୁ ଧାର୍ଯ୍ୟ କରାଯାଇଛି। ଏହାର ମୁଦ୍ରଣ କାର୍ଯ୍ୟ ବୋମିଖାଲ, ଭୁବନେଶ୍ୱରରେ ସମ୍ପାଦିତ ହେବ। ଏହି ଶୁଭାରମ୍ଭ ସଭାଟିରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଶ୍ରୁତିଧର ପ୍ରଧାନ, ଶ୍ରୀଯୁକ୍ତ ଶୁରେଶ ଚନ୍ଦ୍ର ପଣ୍ଡା, ଶ୍ରୀଯୁକ୍ତ ଫକିରଚରଣ ପାଣି, କ୍ରୀଡା ଶିକ୍ଷକ ଶ୍ରୀଯୁକ୍ତ ରାଜକିଶୋର ପଣ୍ଡା, ମେଘାଗ୍ରାମର ଶ୍ରୀଯୁକ୍ତ ଦିବାକର ସାମଲଙ୍କ ସହ ସତ୍ୟାଗ୍ରହୀର ପ୍ରକାଶକ ଏବଂ ସମ୍ପାଦକ ଇଂ. ବିଦ୍ୟାଧର ପଣ୍ଡା ଉପସ୍ଥିତ ଥିଲେ। ଶ୍ରୁତିଧର ବାବୁ ତାଙ୍କର ଅଭିଭାଷଣରେ ମାତୃଭାଷାର ପ୍ରଚାରପ୍ରସାରରେ ବିଦ୍ୟାଧର ପଣ୍ଡାଙ୍କ ଯୋଗଦାନ ବିଷୟରେ ଆଲୋକପାତ କରିଥିବା ବେଳେ ଶ୍ୟାମବାବୁ ଶ୍ରଦ୍ଧେୟ ଛାତ୍ର ବିଦ୍ୟାଧରଙ୍କର ଅନ୍ତର୍ନିହିତ ମାତୃଭୂମି ପ୍ରେମ ବିଷୟରେ କିଛି କହିଥିଲେ। ବକ୍ତାମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ଫକିର ପାଣି ଓ ଶୁରେଶ ଚନ୍ଦ୍ର ପଣ୍ଡା ସୁନ୍ଦର ଶ୍ଲୋକ ଆବୃତ୍ତି କରି ନିଜନିଜର ଅଭିଭାଷଣ ରଖିଥିଲେ। ପ୍ରତ୍ୟେକ ବକ୍ତାଙ୍କର ଅଭିଭାଷଣରେ ସମ୍ବାଦପତ୍ରର ଗୁରୁତ୍ୱ ଏବଂ ଉପଯୋଗିତା ଆଦି ପ୍ରସଙ୍ଗ ଉପରେ ଅନେକ ଉଦାହରଣ ଥିଲା। ପବିତ୍ରଜାଗର ଦିବସ ଅବସରରେ ଦୈନିକ ସମ୍ବାଦପତ୍ରର ଶୁଭାରମ୍ଭ ହେଉଥିବାରୁ ସ୍ଥାନିୟ ଯୁବାବର୍ଗ ଏବଂ ସମ୍ପାଦକ ବିଦ୍ୟାଧର ପଣ୍ଡା ଉତ୍ସାହିତ ଥିବା ପରିଲକ୍ଷିତ ହେଉଥିଲା। ପ୍ରକାଶକ ଓ ସମ୍ପାଦକ ୨୦୧୫ରୁ ସର୍ପେଶ୍ୱର ସେବା ଚ୍ଚରିଟେବଲ ଟ୍ରଷ୍ଟ ନାଁରେ ଗୋଟିଏ ସଂସ୍ଥା ମଧ୍ୟ ଚଳାଉଛନ୍ତି ଯାହାକି କିଛି ଗରିବ ଛାତ୍ରଛାତ୍ରୀଙ୍କର ପାଠପଢା ଖର୍ଚ୍ଚ ଉଠାଇଥାଏ। ଏହି ସମ୍ବାଦପତ୍ର ସହ ଚ୍ଚରିଟାବଲ ଟ୍ରଷ୍ଟର ଭାର ଉଠାଇବାକୁ ଭବିଷ୍ୟତରେ ଆର୍ଥୀକ ଅନାଟନ ଭଳି ସମସ୍ୟା ନରହୁ ବୋଲି ପ୍ରକାଶକ ଦେବଦେବ ମହାଦେବ ସର୍ପେଶ୍ୱରଙ୍କ ନିକଟରେ ଗୁହାରି କରିବା ପୂର୍ବକ ସତ୍ୟାଗ୍ରହୀର ସଫଳତା ପାଇଁ ପ୍ରାର୍ଥନା କରିଥିଲେ। ମହାମହିମ ରାଜ୍ୟପାଳ ଏବଂ ବିଗତ ଚ୍ଚରିଦଶନ୍ଧି ଧରି ଆଠଗଡ ଲୋକଙ୍କ ସୁଖଦୁଃଖର ସାଥୀ ସମବାୟ ମନ୍ତ୍ରୀ ମାନନୀୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଶୁଭେଚ୍ଛାରେ ସତ୍ୟାଗ୍ରହୀର ପ୍ରଥମପୃଷ୍ଠା ସୁସଜ୍ଜିତ ହୋଇ ଜନମାନସର ମନକୁ ଆକୃଷ୍ଟ କରିପାରିଛି ଏବଂ ପ୍ରତ୍ୟେହ ଏହା ନିଜର ନାମାନୁସାରେ ସତ୍ୟରେ ଆଗ୍ରହ ରଖି ନିଜର ସାମାଜିକ ଦାୟିତ୍ୱ ସୁନ୍ଦର ଭାବରେ ନିର୍ବାହ କରିବ ବୋଲି ପ୍ରକାଶକ, ମୂଦ୍ରକ ଓ ସମ୍ପାଦକ ଇଂ. ବିଦ୍ୟାଧର ପଣ୍ଡାଙ୍କର ଦୃଢ ଆଶା ଓ ବିଶ୍ୱାସ।

## ଦେଶପ୍ରେମ ତଥା ଭାରତୀୟ କଳା, ସଂସ୍କୃତିର ପ୍ରତୀକ ଥିଲେ ଲତା ମଂଗେସକର

ଖୋର୍ଦ୍ଧା (ପିଏନ୍): ସ୍ୱର ସାମ୍ରାଜ୍ଞୀ ଲତା ମଂଗେସକରଙ୍କ ରାଷ୍ଟ୍ରୀୟ ଭାବନା ଓ ଚିନ୍ତା ଚେତନା ସମଗ୍ର ଭାରତବର୍ଷକୁ ଆନ୍ଦୋଳିତ କରୁଥିଲା। ତାଂକ କଣ୍ଠରେ ସ୍ୱୟଂ ମା' ସରସ୍ୱତୀ ବିଜେ କରିଥିଲେ। ମଣିଷ ଜୀବନର ସୁଖ, ଦୁଃଖକୁ ସେ ଚମତ୍କାର ଭାବେ ନିଜ ଗାୟନରେ ପ୍ରତିଫଳିତ କରିପାରିଥିଲେ। ତାଙ୍କ ବିୟୋଗରେ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି। କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ସାଧାରଣ ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଆଇନଜୀବୀ ସନ୍ତୋଷ ସାମନ୍ତସିଂହାର, ସନ୍ତୋଷ ପାଲଟାସିଂହ, ସିଦ୍ଧେଶ୍ୱର ମଂଗରାଜ ପ୍ରମୁଖ ସ୍ମୃତିଚାରଣ କରି କହିଥିଲେ ଯେ, ଲତାଜୀ ଏ ମେରେ ୱତନ କୀ ଲୋଗୋଁ, ବନ୍ଦେ ମାତରମ୍, ମେରେ ରଙ୍ଗ ସେ ବସନ୍ତୀ ଚୋଲା, ଯୋ ସମର ମେଁ ହୋ ଗଏ ଅମର, ଐସା ଦେଶ୍ ହେ ମେରା ଆଦି ଦେଶପ୍ରେମଭିତ୍ତିକ ଗୀତ ଗାଇ ଭାରତୀୟଙ୍କୁ ଏକତାର ମଂତ୍ରରେ ବାନ୍ଧିପାରିଥିଲେ। ସାହିତ୍ୟିକ ସମରେନ୍ଦ୍ର ବଳିଆରସିଂହ କହିଥିଲେ ଯେ, ୨୦୦୦ ମସିହାରେ ଗୋଆ ଯାଇଥିବାବେଳେ ସେ ଲତାଜୀଙ୍କ ପୈତୃକ ଗ୍ରାମ ଉତର ଗୋଆର ପୋଣ୍ଡା ତାଲୁକରେ ଥିବା ମଂଗେଶୀ ସ୍ଥିତ ମଂଗେଶୀ ମନ୍ଦିରରେ ଲତାଜୀଙ୍କୁ ଭେଟିଥିଲେ। ଜଣେ ବଡ଼ କଳାକାର ହେବାର ଗର୍ବ ତାଙ୍କ ମନରେ ନଥିଲା। ପ୍ରଶଂସକମାନଙ୍କୁ ସେ ହସ ହସ ମୁହଁରେ ଶୁଭକାମନା ଜଣାଇଥିଲେ। କେବଳ ଜଣେ ଗାୟିକା ନୁହେଁ, ଜଣେ ଭଲ ମଣିଷ ଭାବେ ସେ ସ୍ମରଣୀୟ ହୋଇ ରହିବେ। ଓଡ଼ିଆ ଚଳଚ୍ଚିତ୍ର ସୂର୍ଯ୍ୟମୁଖୀରେ ଚୁନା ଚୁନା ତାରାଫୁଲ ଓ ଅରୁନ୍ଧତୀରେ ଆଜି ମୁଁ ଶ୍ରାବଣୀ ଗୀତରେ ଲତାଜୀ କଣ୍ଠଦାନ କରିବା ଆମ ପାଇଁ ଗର୍ବର ବିଷୟ ବୋଲି ବିଶ୍ୱାତ୍ମା ପ୍ରକାଶନୀର ସତ୍ତ୍ୱାଧିକାରିଣୀ ଶୈଳବାଳା ଦେବୀ ମତପ୍ରକାଶ କରିଥିଲେ।

## ଉତ୍କଳ ଆଲୁମିନା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



ରାୟଗଡା,(ପି.ଏନ): ରାୟଗଡା ଜିଲ୍ଲା ଟିକିରି ଅର୍ନ୍ତଗତ ଦୋରାଗୁଡା ସ୍ଥିତ ଉତ୍କଳ ଆଲୁମିନା କାରଖାନା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦତ୍ୟ ବିର୍ଲା ଗ୍ରୁପର ଏକ ସହଯୋଗୀ କମ୍ପାନୀ ପକ୍ଷରୁ ସସ୍ଥାନୀ ମାନବ ସମ୍ବଳ ବିଭାଗ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ମହାସମାରୋହରେ ପାଳିତ ହୋଇଯାଇଅଛି । ମାନବ ସମ୍ବଳ କାର୍ଯ୍ୟାଳୟ ସଭାକକ୍ଷ ପରିସରରେ କର୍ମାଚ଼ାରୀଙ୍କ ଦ୍ୱାରା ଉତ୍ସାହ ସହକାରେ ପାଳନ ହେବା ସହ କାରାଖାନର ସମସ୍ତ ବିଭାଗରେ ଅନୁରୂପ ଭାବେ କେକ୍ କାଟି ଆନ୍ତର୍ଜାତୀୟ ମହିଳା ଦିବସକୁ ଧୁମଧାମରେ ପାଳନ କରାଯାଇଅଛି । ଏହି ଉପଲକ୍ଷେ କାରାଖାନର ନୂଆପଡା ସ୍ଥିତ ଟାଉନସିପ୍ କ୍ଲବ ହାଉସ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଅଛି । ଉକ୍ତ ସମାରୋହରେ କାରାଖାନରେ କାର୍ଯ୍ୟରତ ସମସ୍ତ ମହିଳା କର୍ମଚ଼ାରୀ ଏଠାରେ ଉପସ୍ଥିତ ଥିଲେ । ଏହି ଅବସରରେ କାରଖାନର ମୁଖ୍ୟ ରବି ମିଶ୍ର ଓ ମାନବ ସମ୍ବଳ ବିଭାଗ ପ୍ରମୁଖ ବିଜୟ କୁମୁରା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ଉଦବୋଧନ ଦେଇଥିଲେ । ମାଁ କହିଲେ ବସୁଧା ତଥା ଧରିତ୍ରୀକୁ ବୁଝାଏ । ବସୁଧା ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତରେ ଆମ ସହିତ ରହିଥାଏ, ଜୀବ ଜଗତ ସମାଜକୁ କୋଳରେ ଧାରଣ କରିଥାଏ । ସମାଜର ମୁଖ୍ୟ ପୁରୋଧା ନାରୀ । ଜନ୍ମ ଠାରୁ ମୃତ୍ୟୁ ଯାଏଁ ସେମାନେ ଧୈର୍ଯ୍ୟ, ସାହାସ ଓ ଶକ୍ତିର ବ୍ରତି । ମାନବ ସମାଜରେ ମହିଳାଙ୍କ ଭୂମିକା ଅତୁଳନୀୟ ଓ ଅପରିକଳ୍ପନୀୟ । ପୁରୁଷ ଜୀବନରେ ନାରୀର ରୂପ ବିଭିନ୍ନ ପ୍ରକାର ହୋଇଥାଏ । ଜନ୍ମଠୁ ମାଁ ରୂପୀ ଦେବୀ, ପରବର୍ତ୍ତି ପର୍ଯ୍ୟାୟରେ ଜଣେ ମହିଳା ଜୀବନ ସାଥୀ ହୋଇ ଜୀବନର ପ୍ରତ୍ୟେକ ଚ଼ଲାପଥରେ ସଥୀ ହୋଇ ରହିଥାଏ । ତେଣୁ ନାରୀ ସମାଜର ପଥ ପ୍ରଦର୍ଶକ, ମହିଳାଙ୍କ ବିନା ସୃଷ୍ଟିର ଅପରିକଳ୍ପନୀୟ ବୋଲି ସଭାରେ ଉଦବୋଧନ ଦେଇ କାରାଖାନ ମୁଖ୍ୟ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ । ଅନୁରୂପ ମାନବ ସମ୍ବଳ ବିଭାଗ ପ୍ରମୁଖ ବିଜୟ କୁମୁରା ମଧ୍ୟ ସଭାରେ ସମାଜରେ ନାରୀଙ୍କ ଭୂମିକା ସଂମ୍ପର୍କରେ ମତବ୍ୟକ୍ତ କରିଥିଲେ । ଉକ୍ତ ସମାରୋହରେ ଅଂଶଗ୍ରହଣ କରିଥିବା ମହିଳା କର୍ମଚ଼ାରୀମାନେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମରେ ଯୋଗଦାନ କରି ମନଭରି ଉପଭୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସମସ୍ତ ମହିଳା ସଦସ୍ୟଙ୍କୁ ଉପହାର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ମାନବ ସମ୍ବଳ ବିଭାଗ କର୍ମଚ଼ାରୀ ସୌମ୍ୟକ ଚ଼ାନ୍ଦ ପରିଚ଼ାଳନା କରିଥଇବା ବେଳେ ଆଶୁତୋଷ ମିଶ୍ରଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ ।

# ସମାଜସେବୀ ଜୟନ୍ତ ରାୟସିଂହଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା

ଖୋର୍ଦ୍ଧା (ପିଏନ୍)-ତାପଙ୍ଗ ଦଳବେହେରାଙ୍କ ବଂଶଧର ନିଜିଗଡ଼ ତାପଙ୍ଗର ପୂର୍ବତନ ସରପଞ୍ଚ ଖୋର୍ଦ୍ଧା ଜିଲ୍ଲା ଯୁବ କଂଗ୍ରେସର ପୂର୍ବତନ ସଭାପତି, ୧୯୮୦ ମସିହାରେ ସ୍ଥାପିତ ତାପଙ୍ଗସ୍ଥିତ କବିରାଜ ଚିନ୍ତାମଣି ବିଦ୍ୟାପୀଠର ପ୍ରତିଷ୍ଠାତା ସମ୍ପାଦକ ଏବଂ ଏକଦା ରାଜ୍ୟର ଶ୍ରେଷ୍ଠ ଫୁଟବଲ ଖେଳାଳୀ ରୂପେ ପରିଚିତ ଜୟନ୍ତ କୁମାର ରାୟସିଂହ(କାବୁ)ଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧବାର୍ଷିକୀ ଦଳବେହେରା ସ୍ମୃତି ପରିଷଦ ପକ୍ଷରୁ ତାପଙ୍ଗଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ତାଙ୍କର ଆବକ୍ଷ ପ୍ରତିମୂର୍ତ୍ତି ବୈଦିକ ରୀତିରେ ସ୍ଥାପିତ ହେବାପରେ କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଓ ଦଳବେହେରା ସ୍ମୃତି ପରିଷଦର ସମ୍ପାଦକ ସଂଗ୍ରାମ କେଶରୀ ଜଗଦ୍ଦେବଙ୍କ ଆବାହକତ୍ୱରେ ସ୍ମୃତିଚାରଣ କରାଯାଇଥିଲା । କାବୁ ରାୟସିଂହ ଗ୍ରାମର ଉନ୍ନତିକଳ୍ପେ କିଭଳି ଦୁଃସାହସିକ କାର୍ଯ୍ୟ କରିପାରିଥିଲେ ତା'ର ଉଦାହରଣ ଦେଇ ସମାଜସେବୀ ପଦ୍ମଚରଣ ରାୟ ଭାବବିହ୍ୱଳ ହୋଇ ପଡିଥିଲେ । ଐତିହାସିକ ସତ୍ୟବାଦୀ ବଳିଆରସିଂହ କଳିଙ୍ଗ ପାଇକ ସଂଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫେସର ରମେଶ ଚନ୍ଦ୍ର ପାତାଳସିଂହ, ସଂସ୍କୃତି ଗବେଷକ ହାଡିବନ୍ଧୁ ପଣ୍ଡା, ଶିଳ୍ପପତି ରମଜାନ୍ ଖାଁ, ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ଶେଖ୍ ରଜାକ୍ କଳାପାହାଡ଼, ହାରାମଣି ମହିଳା ସମିତି ସମ୍ପାଦିକା ଝିଲିରାଣୀ ସାମନ୍ତରାୟ, ବିଶ୍ୱମ୍ଭର ସାହୁ, ମଧୁସୂଦନ ପାତାଳସିଂହ ପ୍ରମୁଖ ତାଙ୍କର ଗୁଣାବଳୀ ବର୍ଣ୍ଣନା କରିଥିଲେ । ତାଙ୍କର ସୁକନ୍ୟା ପ୍ରଫେସର ମଧୁବ୍ରତା ରାୟସିଂହ, ଅଭୀପ୍ସା ରାୟସିଂହ, ଲିପ୍ସା ରାୟସିଂହ ଓ ପିପ୍ସା ରାୟସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂଗ୍ରାମ ଜଗଦ୍ଦେବ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ । ଗ୍ରାମବାସୀଙ୍କ ପକ୍ଷରୁ ନିମେଇ ଶ୍ରୀଚନ୍ଦନ, ପୁରୁଷୋତ୍ତମ ମାଝି, ଜଗନ୍ନାଥ ରାଉତରା, ସଂଗ୍ରାମ ଗୁମାନସିଂ, ଗତିକୃଷ୍ଣ ସେଠୀ ପ୍ରମୁଖ ପୂର୍ବତନ ସରପଞ୍ଚ କାବୁ ରାୟସିଂହଙ୍କ କୀର୍ତ୍ତିରାଜି ଯୁଗେ ଯୁଗେ ଉଜ୍ଜ୍ୱଳ ହୋଇ ରହିବ ବୋଲି କହିଥିଲେ ।

## ହିନ୍ଦୁ ଦେବାଦେବୀଙ୍କ ପ୍ରତି ତାଚ୍ଛଲ୍ୟ ଏବଂ ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ ବନ୍ଦ କରାଯାଉ

ଭୁବନେଶ୍ୱର (ପିଏନ୍): ସମ୍ବାଦର ଦୈନିକ ପତ୍ରିକା ତା୦୫.୦୨.୨୦୨୨ ସଂଖ୍ୟାର ପରଦା ବିଭାଗରେ ପ୍ରକାଶିତ ଜହ୍ନ ଗୋଟେ ମିଠା ବିସ୍କୁଟ ଶୀର୍ଷକ ଲେଖାଟି ପଢି ଆମେ ମର୍ମାହତ। ସିରିଡ଼ି ସାଇ ବାବା ମୁଭିଜ୍ ଭଳି ନାମ ଦେଇଥିବା ସଂସ୍ଥା ଦ୍ୱାରା ନିବେଦିତ ଏବଂ ଆମ ଟିଭି ମ୍ୟୁଜିକ୍ ପ୍ରାୟୋଜିତ ଉକ୍ତ ନୂଆ ଓଡ଼ିଆ ମ୍ୟୁଜିକ୍ ଭିଡ଼ିଓଟିର ସୁଟିଂ ଚ୍ଚଲିଥିଲା, ଯାହା ଗତ ୧୪ ତାରିଖ ଭାଲେଣ୍ଟାଇନ ଡ଼େ ଅବସରରେ ମୁକ୍ତିଲାଭ କରିଥିଲା। ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ଆମ ଓଡ଼ିଆ ମନୋରଞ୍ଜନ ଜଗତକୁ ଦିନକୁ ଦିନ ହୀନ ମାନସିକତା ମାଡ଼ି ଖାଇବାକୁ ଲାଗିଲାଣି। ସୃଷ୍ଟିର ଉତ୍ସ ପ୍ରକୃତି ଦେବା ଦେବୀ ବିଶ୍ୱାସର ଭଗବାନ ସୂର୍ଯ୍ୟଚନ୍ଦ୍ର ଗ୍ରହ ନକ୍ଷତ୍ର। କି ଯୁଗ ଆସିଲା ପାଶ୍ଚାତ୍ୟ ଅନ୍ଧାନୁକରଣରେ ଆମ ଧର୍ମ ପରମ୍ପରା ଭଗବତ ପ୍ରେମକୁ ତାଚ୍ଛଲ୍ୟ ତଥା ବହୁ ପ୍ରକାରର ଆକ୍ରମଣ କରାଯାଉଛି। ଏଥିପାଇଁ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ, ବଜରଙ୍ଗ ଦଳ ସମେତ ଅନେକ ଧର୍ମପ୍ରାଣ ବ୍ୟକ୍ତି ଏବଂ ସଂସ୍ଥାମାନେ ବିଭିନ୍ନ ସମୟରେ ପ୍ରତିବାଦ ପ୍ରତିରୋଧ କରି ଆସୁଛନ୍ତି। ସନାତନ ଧର୍ମ ବିଶ୍ୱାସୀ ଲୋକମାନଙ୍କୁ ବହୁପ୍ରକାରର ତାଚ୍ଛଲ୍ୟ, ଭାଲେଣ୍ଟାଇନ ଡ଼େ, ଫେସନ ଶୋ, କାଣ୍ଡେଲ ଲିଭା ବାର୍ଥଡ଼େ ଓ ପ୍ରତିଦିନ ରାଜରାସ୍ତାରେ ଉଗ୍ର ଏବଂ ଲଙ୍ଗୁଳି ଭ୍ରମଣ କାର୍ଯ୍ୟ ଦିନକୁ ଦିନ ସମାଜକୁ କବଳିତ କଲାଣି। ଯୁବଗୋଷ୍ଠୀ କୁପଥଗାମୀ ହେଲେଣି। ଏଣୁ ତୁରନ୍ତ ଏହିଭଳି ଉଦଣ୍ଡ ଉଦ୍ଧତ ପାଶ୍ଚାତ୍ୟ ଅନ୍ଧାନୁକରଣରେ ଆୟୋଜିତ ହେଉଥିବା ଓ ସମାଜକିତା ପ୍ରସାର କରୁଥିବା କାର୍ଯ୍ୟକ୍ରମମାନ ବନ୍ଦ କରିବା ପାଇଁ ସମ୍ପୃକ୍ତ ସରକାରୀ ଉଚ୍ଚ କର୍ତ୍ତୃପକ୍ଷ ଯଥା ସାଧାରଣ ଅଭିଯୋଗ ଆଇନ ସୁରକ୍ଷା ଏବଂ ସଂସ୍କୃତି ବିଭାଗ ପ୍ରଭୃତି ବିହିତ କାର୍ଯ୍ୟାନୁଷ୍ଠାନ କରନ୍ତୁ। ନଚେତ୍ ଜନଅସନ୍ତୋଷ ବିକ୍ଷୋଭ ଏବଂ ସମ୍ପୃକ୍ତ ବ୍ୟକ୍ତି ଓ ସଂସ୍ଥା ବିରୋଧରେ ବିଚ୍ଚରାଳୟର ଦ୍ୱାରସ୍ଥ ହେବୁ।

# ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ଭୁବନେଶ୍ୱର ମହାନଗର ନିଗମ ପାଇଁ ବୈଠକ

ଭୁବନେଶ୍ୱର (ପିଏନ୍):-ଆସନ୍ତା ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନ ପାଇଁ ଭୁବନେଶ୍ୱର ଜିଲ୍ଲା ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଡକାଯାଇଥିଲା। ଏହି ବୈଠକରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ ଆସନ୍ତା ମହାନଗର ନିର୍ବାଚନକୁ ଅତି ଗୁରୁତ୍ୱର ସହିତ ଜିତିବାର ମନୋବଳ ନେଇ ଲଢ଼େଇ କରିବାପାଇଁ ବୈଠକରେ କହିଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆଚରଣ ଓ ଉଚାରଣରେ ଭୁବନେଶ୍ୱର ମହାନଗର ନିଗମ ଅଚଂଳରେ ରହୁଥିବା ପ୍ରତ୍ୟେକ କଂଗ୍ରେସ କର୍ମୀ, ନେତୃବୃନ୍ଦ ତଥା ସମସ୍ତ ପ୍ରକୋଷ୍ଠ ଓ ସଂଗଠନର ଅଧ୍ୟକ୍ଷ ଓ ପଦାଧିକାରୀମାନେ ମିଳିତ ଭାବରେ ମନପ୍ରାଣ ଦେଇ ପ୍ରାର୍ଥିମାନଙ୍କ ସପକ୍ଷରେ ଦ୍ୱାର ଦ୍ୱାର ବୁଲି ପ୍ରଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯଦି ଆମେ ଲୋକଙ୍କ ପାଖକୁ ଯିବାନାହିଁ ତାହାହେଲେ ଯେତେ ପଇସା ଖର୍ଚ୍ଚ କଲେ ମଧ୍ୟ ଆମେ କେବେ ଭଲ ଫଳ ପାଇବା ନାହିଁ। ଏହି ବୈଠକରେ ବରିଷ୍ଠ କଂଗ୍ରେସ ନେତା ତଥା ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ଆମ ସମସ୍ତଙ୍କୁ ଏକ ହୋଇ ଆପ୍ରାଣ ଉଦ୍ୟମ କରିବାକୁ ପଡ଼ିବ ବୋଲି କହିଥିଲେ। ବରିଷ୍ଠ କଂଗ୍ରେସ ନେତା ତଥା ପ୍ରଶାସକ ଶ୍ରୀ ବଟକୃଷ୍ଣ ତ୍ରିପାଠୀ ବୈଠକକୁ ସମ୍ବୋଧିତ କରି କହିଥିଲେ ଭୁବନେଶ୍ୱର ସହରାଂଚଳରେ ରହୁଥିବା ସମସ୍ତ ନେତୃବୃନ୍ଦଙ୍କୁ କଂଗ୍ରେସ ପତାକାର ସ୍ୱାର୍ଥକୁ ରକ୍ଷାକରି ଲଢ଼ିବାକୁ ପଡ଼ିବ। ସେ ମନେପକାଇ ଦେଇଥିଲେ ବିଗତ ଦିନରେ ନିର୍ବାଚନ ରଣନୀତି ତଥା କିଭଳି ଭାବରେ ଭୁବନେଶ୍ୱର ମ୍ୟୁନିସିପାଲିଟିକୁ ଜିତାଯାଉଥିଲା। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଥିଲେ ଛାତ୍ର ନେତୃବୃନ୍ଦମାନେ ପ୍ରତ୍ୟେକ ପରିସ୍ଥିତିକୁ ଏଥର ସାମନା କରିବାକୁ ଅଂଟା ଭିଡ଼ିବାକୁ ପ୍ରସ୍ତୁତ। ଭ୍ରଷ୍ଟାଚାରୀମାନଙ୍କୁ ଏଥର ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନରେ କଡ଼ା ଜବାବ ଦିଆଯିବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯଜ୍ଞେଶ୍ୱର ବାବୁ, ମନୋରଂଜନ ଦାଶ, ଜାନକୀବଲ୍ଲଭ ପଟ୍ଟନାୟକ, ରଶ୍ମି ମହାପାତ୍ର, ଚିନ୍ମୟ ସୁନ୍ଦର ଦାସ, ମାନସ ଆଚାର୍ଯ୍ୟ, ସୁବ୍ରତ ମହାପାତ୍ର, ରଜନୀ ମହାନ୍ତି, ଅଶୋକ ଦାସ, ମିହିର ଆଚାର୍ଯ୍ୟ, ଜୟକୃଷ୍ଣ ସୁବୁଦ୍ଧି, ଶାନ୍ତାୟନ ମିଶ୍ର, ମନୋଜ ନାୟକ, ସଂଜୀବ ମହାନ୍ତି, ପ୍ରଦୀପ ମହାପାତ୍ର, ସଂଜୟ ମିଶ୍ର, ଜିତୁ ପଣ୍ଡା, ରାଜକିଶୋର ବାରିକ, ମଂଟୁ ମଲ୍ଲିକ, ଦେବବ୍ରତ ମହାନ୍ତି, ଦୀପକ କୁମାର ସାହୁ, ସୌମରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଯାଜପୁର ନଗର କଂଗ୍ରେସ କମିଟିର ପୌର ନିର୍ବାଚନ ପାଇଁ ପ୍ରସ୍ତୁତି

ଯାଜପୁର(ପିଏନ୍)-ରାଜ୍ୟ ସରକାରଙ୍କର ପୌର ନିର୍ବାଚନ ଆସନ୍ତା ଏପ୍ରିଲ ମାସରେ ହେବାପାଇଁ ଘୋଷଣା ହେବା ଏବଂ ସେହି ପରିପ୍ରେକ୍ଷୀରେ ଭୋଟର ତାଲିକା ସଂଶୋଧନ ଓ ବୁଥ୍ ନିରୂପଣ ସମ୍ପର୍କୀୟ ଆଲୋଚନା ନିମନ୍ତେ ଯାଜପୁର ନଗର କଂଗ୍ରେସ କମିଟିର ଏକ ପ୍ରସ୍ତୁତି ବୈଠକ ନଗର କଂଗ୍ରେସ ସଭାପତି ନାରାୟନ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଯାଜପୁର ପୌରପାଳିକାକୁ ସମୁଦାୟ ୧୮ଟି ୱାର୍ଡ଼ ଏବଂ ୩୭ଟି ବୁଥରେ ପରିଣତ କରାଯାଇଛି । ତା୦୫.୦୧.୨୦୨୨ରିଖରେ ପ୍ରକାଶିତ ଯାଜପୁର ବିଧାନସଭା ଭୋଟର ତାଲିକା ଅନୁଯାୟୀ ବୁଥଗୁଡ଼ିକରେ ଭୋଟରଙ୍କ କ୍ରମିକ ନଂ. ଓ ଭାଗ ତାଲିକା ନିର୍ଣ୍ଣୟ କରାଯାଇଛି । ଆସନ୍ତା ୧୬ ତାରିଖ ମଧ୍ୟରେ ପ୍ରତ୍ୟେକ ବୁଥରେ ନିଜର ନାମ ଓ ପରିବାରର ସମସ୍ତଙ୍କ ନାମ ଅଛି କି ନାହିଁ ତାହା ତଦାରଖ କରିବା ସହିତ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ ନାମ ତାଲିକାରେ ସଂଶୋଧନ ଓ ବୁଥ୍ ବଦଳ ନିମନ୍ତେ ନଂ.୩ ଓ ନଂ.୪ ଫର୍ମରେ ଯାଜପୁର ପୌରପାଳିକାର ସ୍ୱତନ୍ତ୍ର ଅଭିଯୋଗ ପ୍ରକୋଷ୍ଠରେ ଦାଖଲ କରିବାପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ଭୋଟର ଲିଷ୍ଟରେ ମୃତ ଓ ପଞ୍ଚାୟତ ଭୋଟରମାନଙ୍କୁ ଚିହ୍ନଟ କରି ନଗର ସଭାପତିଙ୍କୁ ଜଣାଇବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଗଲା । ଏହି ବୈଠକରେ ସର୍ବଶ୍ରୀ ସନ୍ତୋଷ କୁମାର ନନ୍ଦ, ବଳଭଦ୍ର ଦାସ, ବିଭୂତି ମହାପାତ୍ର, ନିକୁଞ୍ଜ ସାମଲ, ଆଲୋକ ବେହେରା, ହୃଷିକେଶ ପତି, ନିତାଇଚାନ୍ଦ ମହାନ୍ତି, ରଘୁନାଥ ସାହୁ, ପ୍ରତିମା କର, ଦୁର୍ଯ୍ୟୋଧନ ବେହେରା, ଅରଜିତ ନାୟକ, ସନ୍ତୋଷ ବେହେରା, କନକଲତା ରାଉତ, ଅମୂଲ୍ୟ କୁମାର ବିଶ୍ୱାଳ, ବିଦ୍ୟାଧର ବାରିକ, ପ୍ରକାଶ ମହାରଣା ପ୍ରମୁଖ ଯୋଗଦେଇଥିଲେ । ବୈଠକ ଆରମ୍ଭ ପୂର୍ବରୁ ପୂର୍ବତନ ବିଧାୟକ କାଙ୍ଗାଳି ଚରଣ ପଣ୍ଡା, କଂଗ୍ରେସ କର୍ମୀ କରୁଣାକର ସାହୁଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ବିଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସଂସ୍କାରଭାରତୀ ତରଫରୁ ଶ୍ରଦ୍ଧାଞ୍ଜଳି ସଭା



ଭୁବନେଶ୍ୱର (ପିଏନ୍): ସଂସ୍କାରଭାରତୀ ଉତ୍କଳ ପୂର୍ବ ପ୍ରାନ୍ତ ଆନୁକୂଲ୍ୟରେ ଭାରତରତ୍ନ କୋକିଳକଣ୍ଠୀ ଲତା ମଙ୍ଗେସକର ଓ ଓଡିଶାର ପ୍ରଖ୍ୟାତ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତର ମହାନାୟକ ପଣ୍ଡିତ ଡଃ.ଦାମୋଦର ହୋତାଙ୍କୁ ୟୁନିଟ ୮ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏଥିରେ ସଂସ୍କାର ଭାରତୀ ପୂର୍ବପ୍ରାନ୍ତ ଅଧ୍ୟକ୍ଷ ତଥା ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଡଃ ଶାନ୍ତନୁ ରଥ ଭାରତରତ୍ନ ଲତା ମଙ୍ଗେସକରଙ୍କ ସଂଗୀତ ସାଧନା ଓ ସିଦ୍ଧି ସମ୍ବନ୍ଧରେ ସ୍ମୃତିଚାରଣ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅସିତ ବରଣ ମହାପାତ୍ର ପଣ୍ଡିତ ଡଃ ଦାମୋଦର ହୋତାଙ୍କର ଶାସ୍ତ୍ରୀୟ ସଙ୍ଗୀତର ସଂଘର୍ଷମୟ ଜୀବନ ଓ ଓଡିଶା ପାଇଁ ତାଙ୍କର ଅବଦାନ ବିଷୟ ଉପରେ ଆଲୋକପାତ କରିଥିଲେ । ଅମରେନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସସ୍ମିତା ପରିଡା ଧ୍ୟେୟଗୀତ ପରିବେଷଣ କରିଥିଲେ । ଆରଏସ୍ଏସ୍ର ଭୁବନେଶ୍ୱର ମହାନଗର ସହକାର୍ଯ୍ୟବାହ ସୁବ୍ରତ ତ୍ରିପାଠୀ, ମହାନଗର ପ୍ରଚାରକ ରାଜେଶ୍ୱର ରାଉତ, ଆରତୀ ଜେନା, ସନୁଜା ମେଘମାଳା, ଅନିତା ପ୍ରହରାଜ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସଂଗୀତ ମାଧ୍ୟମରେ ଲତା ମଙ୍ଗେସକରଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ ରଶ୍ମିତା ଦାଶ, ସସ୍ମିତା ପରିଡା, ମୃତ୍ୟୁଞ୍ଜୟ ଓ ପ୍ରତୀକ୍ଷା । ପରିଶେଷରେ ବଂଶୀତା ଓ ପ୍ରୟୋଗରାଜ ରାଷ୍ଟ୍ରୀୟଗାନ ଗାନ କରିଥିଲେ ।

## ଶିବାନନ୍ଦ ଆଶ୍ରମରେ ଆଧ୍ୟାତ୍ମିକ ସାହିତ୍ୟ ଆସର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ଏକ ଆଧ୍ୟାତ୍ମିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ସମାଜ ସଂସ୍କାରରେ ସତସଙ୍ଗର ପ୍ରଭାବ ଶୀର୍ଷକ ଆଲୋଚନାରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି, ବରିଷ୍ଠ ଆଇନଜୀବୀ ପ୍ରଦିପ କୁମାର ଦାଶ ମୁଖ୍ୟବକ୍ତା, ମେଜର ଭରତ ଚନ୍ଦ୍ର ଜେନା, ସତୀର୍ଥର ସଭାପତି ଅମର ପ୍ରସାଦ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳୁଷିତ ସମାଜକୁ ସଂସ୍କାରିତ କରିବାରେ ସତସଙ୍ଗ ମାଧ୍ୟମରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ପରିଷଦର ସଭାପତି ସଞ୍ଜୟ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ସ୍ୱପ୍ନାଂଶୁ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷାବିତ ଶୈଳଜାଶଙ୍କର ସାମଲ ଅତିଥି ପରିଚୟ ପ୍ରବଚକ ଶ୍ରୀଧର ରାଉତ ଶିବାନନ୍ଦ ଆଶ୍ରମର କାର୍ଯ୍ୟକ୍ରମ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଯୋଗଗୁରୁ ସଞ୍ଜୟ ମଥାନ ଆବାହନୀ ସଂଗୀତ ଗାନ କରିଥିଲେ। କବି ଅଭୟ କୁମାର ରାଉତ ଓ ସହସମ୍ପାଦକ ଅଶୋକ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ କବି ଭରତ ଚରଣ ସାହୁ, ଅଜୟ କୁମାର ପାତ୍ର, ରଞ୍ଜନ ବାଇ, ଶ୍ରୀଧର ମହାନ୍ତି, ମନୋରଞ୍ଜନ ତ୍ରିପାଠୀ, ଡଃ. ରତ୍ନାକର ମଲିକ, ଅନନ୍ତ ନାୟକ, ବାସନ୍ତୀ ଦାସ, ସାବିତ୍ରୀ ନହାରଣା, ଗୋଲାପ ରାଉତ, ଶରତ ରାଉତ ପ୍ରମୁଖ ୩୦ଜଣ କବି ଓ କବୟତ୍ରୀମାନେ ଭକ୍ତି ରସାତ୍ମକ କବିତା ପାଠ କରିଥିଲେ। ପରିଷଦର କାର୍ଯ୍ୟକାରୀ ସଭାପତି ଟିଂକିକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବୃଷଭ ସ୍ମୃତିରେ ସତ୍ସଙ୍ଗ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ

ପାରାଦୀପ (ପିଏନ୍)-ପାରାଦୀପର ବଡପଡିଆ ନୂଆବଜାର ମୁଖ୍ୟରାସ୍ତା ସତ୍ୟ ସାଇ ମନ୍ଦିର ନିକଟସ୍ଥ ଓମଫେଡ୍ ଛକଠାରେ ଏକ ବୃଷଭ ଦୀର୍ଘଦିନ ଅସୁସ୍ଥ ଓ ସ୍ଥାନୀୟ ଲୋକଙ୍କ ମାଧ୍ୟମରେ ସେବା ପରେ ତାର ମୃତ୍ୟୁ ହୋଇଥିଲା । ତେବେ ଏହାର ସ୍ମୃତିରେ ସେହି ସ୍ଥାନରେ ବୃଷଭରେ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇ ମାଘ ସଂକ୍ରାନ୍ତିରେ ସତ୍ସଙ୍ଗ କାର୍ଯ୍ୟକ୍ରମ ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶହେରୁ ଉର୍ଦ୍ଧ୍ୱ ଲୋକ ଯୋଗଦେଇ ସଂକିର୍ତ୍ତନ କରିଥିଲେ । ପାରାଦୀପର ଜଣାଶୁଣା ସମାଜସେବୀ ତଥା ବନ୍ଦର କର୍ମଚାରୀ ପ୍ରଶାନ୍ତ ମହାରଣାଙ୍କ ତତ୍ତ୍ୱାବଧାନରେ ଆର୍ଟ ଅଫ ଲିଭିଙ୍ଗ୍ର ଗାୟକ ଜ୍ୟୋତିର୍ବିଦ ତାପସରଂଜନ ପତିଙ୍କ ସାନିଧରେ ସତ୍ସଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବନ୍ଦରର ବରିଷ୍ଠ ଯନ୍ତ୍ରୀ ଗଙ୍ଗାଧର ସେଠୀ, ଜାମିନୀ କାନ୍ତ ମହାନ୍ତି, ମନୋଜ ନାୟକ, ସ୍ମୃତି ମହାନ୍ତି, ରଂଜନ ଭୂୟାଁ, ବିଦ୍ୟାଧର ସ୍ୱାଇଁ, ରଶ୍ମି ସ୍ୱାଇଁ, ନିର୍ମଳ ବେହେରା, ଆଲୋକ ମହାପାତ୍ର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ତେବେ ଗୋଟିଏ ଅସହାୟ ପଶୁର ଚିକିତ୍ସା ଓ ସ୍ମୃତି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ଖେଳ ପର୍ଯ୍ୟବେକ୍ଷକ

Bhubaneswar Sunday March 9 ଭୁବନେଶ୍ୱର ରବିବାର, ମାର୍ଚ୍ଚ ୯, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# କିଟ୍ ଓ କିସ୍‌ରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ




ଭୁବନେଶ୍ୱର, (ପି.ଏନ): କିଟ୍ ଓ କିସ୍‌ରେ ଅନ୍ତର୍ଜାତୀୟ ମହିଳା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, କିଟ୍ ଓ କିସ୍‌ରେ ଅଭିବୃଦ୍ଧିରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। କିଟ୍ ଓ କିସ୍ ମଧ୍ୟ ମହିଳାମାନଙ୍କୁ ସବୁବେଳେ ସମାନ ସୁଯୋଗ ଓ ସମ୍ମାନ ଦେଇଆସୁଛି। ଅପରପକ୍ଷରେ କିଟ୍ ଓ କିସ୍‌ର ମହିଳା କର୍ମଚାରୀମାନେ କିଟ୍ ଓ କିସ୍ ସହ ସେମାନଙ୍କ ଭାବାବେଗ ଗଭୀର ଭାବେ ଜଡ଼ିତ ହୋଇ କହିଥିଲେ। ପୁରୁଷ କର୍ମଚାରୀଙ୍କ ଭଳି ସେମାନଙ୍କୁ ବ୍ୟକ୍ତିଗତ ଓ ବୃତ୍ତିଗତ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ କିଟ୍ ଓ କିସ୍ କର୍ତ୍ତୃପକ୍ଷ ଏକ ଉତ୍ତମ ପରିବେଶ ସୃଷ୍ଟି କରିଛି ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ କିସ୍‌ର ସେଣ୍ଟର ଫର ଓ୍ୱମେନ୍ ଷ୍ଟଡିଜ୍ ପକ୍ଷରୁ ଆୟୋଜିତ ମହିଳା ଦିବସ କାର୍ଯ୍ୟକ୍ରମରେ କ୍ରୀଡ଼ା ମାଧ୍ୟମରେ ମହିଳା ସଶକ୍ତିକରଣ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ଦେବାଶିଷ ବନ୍ଦୋପାଧ୍ୟାୟ ଓ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ କିଟ୍ ଓ କିସ୍‌ରେ ୫୦% ମହିଳା କର୍ମଚାରୀ କାର୍ଯ୍ୟକରୁଥିବା ବେଳେ ଛାତ୍ରୀଙ୍କ ସଂଖ୍ୟା ମଧ୍ୟ ୫୦%ରୁ ଅଧିକ।

## ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା ଯୋଜନା ଦ୍ୱିତୀୟ କିସ୍ତି ପ୍ରଦାନ

ଭବାନୀପାଟଣା ,(ପି.ଏନ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା ଯୋଜନା ଦ୍ୱିତୀୟ କିସ୍ତି ଅନେକ ମହିଳାଙ୍କୁ ମିଳିଛି । ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଏହାକୁ ଅଭାସି ମାଧ୍ୟମରେ ପ୍ରଦାନ କରିଛନ୍ତି । ଏହି ଅବସର ରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପଡିଆରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଜିଲା ପରିଷଦ ଅଧକ୍ଷ ପୁଷ୍ପ ?ନ୍ଦ୍ର ସିଂଦେଓ, ଜିଲ୍ଲାପାଳ ପାଓ୍ୱାର ସଚ଼ିନ ପ୍ରକାଶ,ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିବେଦିତା ନାଥ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟମୟ ପାଢ଼ୀ ,ଜିଲ୍ଲା ସମାଜ କଲ୍ୟାଣ ମଉଜିବୁନ ନିଶା ପ୍ରମୁଖ ମଞ୍ଚାସିନ ଥିଲେ । ଏହି ଯୋଜନା ମହିଳା ସଶକ୍ତିକରଣ ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଅତିଥି ମନେ ମତପ୍ରକାଶ କରିଥିଲେ ।

# ପାରାଦୀପ ବନ୍ଦର ପକ୍ଷରୁ ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ



ପାରାଦୀପ,(ପି.ଏନ): ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ଆର୍ନ୍ତଜାତୀୟ ମହିଳା ଦିବସ ବିଭିନ୍ନ କାର୍ଯ୍ୟକ୍ରମ ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ପୋର୍ଟ ଅଫିସର୍ସ କ୍ଲବ୍ ପରିସରରେ ଆଲୋଚନା ଚକ୍ର,ପୁରସ୍କାତ ବିତରଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବନ୍ଦର ଟ୍ରାଫିକ୍ ଉପଦେଷ୍ଟା ଏ.କେ.ବୋଷ, ସମ୍ମାନୀତ ଅତିଥି ଭାବେ ସୁଚିସ୍ମିତା ବୋଷ, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ସ୍ମୃତି ସ୍ୱାଇଁ, ବନ୍ଦର ବରିଷ୍ଠ ଉପ ଯାତାୟତ ପ୍ରବନ୍ଧକ ଏ.କେ.ସାହୁ ଯୋଗ ଦେଇଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉପଲକ୍ଷେ ପୋର୍ଟ କ୍ଲବ୍ ଲେଡିଜ୍ ଉବଙ୍ଗ ପକ୍ଷରୁ ଅଠରବାଙ୍କୀ ଚିକିତ୍ସାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

# ପାରାଦୀପ ପୌରପାଳିକା ଆନୁକୂଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ




ପାରାଦୀପ,(ପି.ଏନ): ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ମହିଳାମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ଅବଗତ କରାଇବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥାଏ । ମହିଳା ଦିବସ ଅବସରରେ ସାରା ବିଶ୍ୱରେ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । ଯାହାର ମୂଳ ଲକ୍ଷ୍ୟ ମହିଳାଙ୍କୁ ତାଙ୍କ ଅଧିକାର ବିଷୟରେ ସଚେତନ କରିବା ଏବଂ ସମାଜରେ ମହିଳାଙ୍କୁ ପୁରୁଷଙ୍କ ସହ ସମାନ ସମ୍ମାନ ଦେବା । ଏହି ପରିପ୍ରେକ୍ଷୀରେ ପାରାଦ୍ୱୀପ ପୌରପାଳିକା ଆନୁକୂଲ୍ୟରେ ଅନ୍ତର୍ଜାତିକ ମହିଳା ଦିବସ -୨୦୨୫ ପାରାଦୀପ ର ଜୟଦେବ ସଦନ ପ୍ରାଙ୍ଗଣରେ ଶନିବାର ଅପରାହ୍ନରେ ମହା ସମାରୋହରେ ପାଳିତ ହୋଇଯାଇଛି କ୍ଷ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ଉତ୍ସବରେ ପାରାଦୀପ ବିଧାୟକ ତଥା ଓଡିଶା ସରକାର ଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚ଼ନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ମାନଙ୍କ ଅଧିକାର ଓ ସେମାନଙ୍କୁ ସ୍ୱାବଲମ୍ବୀ ହେବାକୁ ପ୍ରେରଣା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ତହସିଲଦାର ତଥା ପାରାଦୀପ ପୌର ନିର୍ବାହୀ ଅଧିକାରୀ ସ୍ୱରୂପ ନନ୍ଦନ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ପୌର ଅତିରିକ୍ତ ନିର୍ବାହୀ ଅଧିକାରିଣୀ ସୁଶ୍ରୀ ସ୍ମୃତି ସ୍ୱାଇଁ,ପାରାଦୀପ ମହାବିଦ୍ୟାଳୟ ଅଧକ୍ଷା ଡ଼ଃ, ସସ୍ମିତା ଶତପଥୀ, ପାରାଦୀପ ଲେଡିଜ କ୍ଲବ ଉପଦେଷ୍ଟା ପ୍ରୀତି ଆରତୀ ପରିଜା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏଭଳି ଦିବସ ପାଳନର ଗୁରୁତ୍ୱ ଏବଂ ମହିଳା ଙ୍କ ଅଧିକାର ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ ବର୍ଗରେ ସଫଳତା ହାସଲ କରିଥିବା ମହିଳା ମାନଙ୍କୁ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ପାରାଦୀପ ର ବିଭିନ୍ନ ଓ୍ୱାର୍ଡ ରୁ ଶତାଧିକ ମହିଳା ଓ ସଂଗଠନ ର ସଦସ୍ୟା ମାନେ ଉପସ୍ଥିତ ଥିଲେ ।

# ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ



ପାରାଦୀପ,(ପି.ଏନ): ଆର୍ନ୍ତଜାତୀୟ ମହିଳା ଦିବସ ଅବସରରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ମଧୁବନସ୍ଥିତ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ମହିଳାମାନେ କେବଳ ପରିବାର ମଧ୍ୟରେ ନୁହେଁ ଦେଶ ତଥା ବିଶ୍ୱସ୍ତରରେ ସେମାନଙ୍କର ଦକ୍ଷତା ପ୍ରମାଣ କରି ସାରିଲେଣି। ପୁରୁଷମାନଙ୍କ ସମକକ୍ଷ ହୋଇ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିପାରିଛନ୍ତି ବୋଲି କମ୍ପାନୀର ବରିଷ୍ଠ ଅଧିକାରୀ ଓ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ ମହିଳା କର୍ମଚାରୀମାନେ ର୍‍ୟାମ୍ପ ସୋ, ମ୍ୟୁଜିକ୍ ବଲ୍, ହିଡେନ୍ ଟ୍ୟାଲେ ,ନୃତ୍ୟଗୀତ ପରିବେଷଣ କରିଥିଲେ । କୃତୀ ପ୍ରତୀଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍‌ର ବରିଷ୍ଠ ଅଧିକାରୀମାନଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଗଜପତିରେ ଆନ୍ତର୍ଜାତିୟ ମହିଳା ଦିବସ ଅବସରରେ ସୁଭଦ୍ରା ଦ୍ୱିତୀୟ କିସ୍ତି ଶୁଭାରମ୍ଭ

ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲା ସଦରମହକୁମା ଗଜପତି ଷ୍ଟାଡିୟମ ଠାରେ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଯତୀନ୍ଦ୍ର କୁମାର ପଣ୍ଡା,ଜିଲ୍ଲା ଶିକ୍ଷ ପରିଚ଼ାଳକ ସୁନାରାମ ସିଂ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କର୍ମଚ଼ାରୀ ସାରଳା ପାତ୍ର ଓ ମନୋଜ କୁମାର ପଣ୍ଡା ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବହୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପରେ ପରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ପରିସମାପ୍ତି ପରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା ।

# କୋଣାର୍କରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ




କୋଣାର୍କ,(ପି, ଏ ନ ):ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ସହଯୋଗରେ ପୁରୀ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ କୋଣାର୍କ ଯାତ୍ରୀ ନିବାସ ପରିସରରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ଶୁକ୍ରବାର ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ପୁରୀ ଜିଲ୍ଲା ଡି.ଏସ.ଡବ୍ଲ୍ୟୁ.ଓ ତନୁପ୍ରଭା ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିଶାଳ ସମାବେଶରେ ଗୋପ ବିଡ଼ିଓ ଛବି ରାଣୀ ସାହୁ, ନିମାପଡା ବିଡ଼ିଓ ଅଭିଜିତ ଷଡ଼ଙ୍ଗୀ, ସାଂସଦ ପ୍ରତିନିଧି ମିନାଲତା ମହାନ୍ତି, ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରି ମିନାକ୍ଷୀ ପୃଷ୍ଟି, ମିଶନ ଶକ୍ତି ଡିପିସି ସ୍ୱାଗତିକା ପରିଡ଼ା ପ୍ରମୁଖ ଯୋଗ ଦେଇ ମହିଳା ଦିବସ ପାଳନ ଓ ଲକ୍ଷ୍ୟ ନେଇ ଆଲୋକପାତ କରିଥିଲେ। ରାଜ୍ୟ ସରକାର ମହିଳା ମାନଙ୍କ ନିମନ୍ତେ କିପରି ବିଭିନ୍ନ ଯୋଜନାରେ ସମୃଦ୍ଧି ଓ ସ୍ୱାବଲମ୍ବୀ କରୁଛନ୍ତି ସେ ନେଇ ଉପସ୍ଥିତ ମହିଳାଙ୍କୁ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ବିଭିନ୍ନ ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଟ୍ରଫି ପ୍ରଦାନ କରାଯାଇଥିଲା। ପୁରୀ ଜିଲ୍ଲା ବିଭିନ୍ନ ବ୍ଲକରେ ମହିଳା ଓ ଶିଶୁ ବିକାଶ ଯୋଜନାରେ ଦକ୍ଷ କାର୍ଯ୍ୟ ପାଇଁ ଶ୍ରେଷ୍ଠ ଅଙ୍ଗନବାଡ଼ି କର୍ମୀ, ଶ୍ରେଷ୍ଠ ସୁପରଭାଇଜର, ଶ୍ରେଷ୍ଠ ସିଡିପିଓ ଆଦିଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ମହିଳାଙ୍କ ଦ୍ୱାରା ମନୋରଞ୍ଜନ ପାଇଁ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗୋପ ସିଡିପିଓ ମିନାକ୍ଷୀ ସାହୁ ପରିଚ଼ାଳନା କରିଥିବା ବେଳେ ବାଲ୍ୟବତୀ ମହାନ୍ତି, ପ୍ରଣତି ମହାନ୍ତି ଓ ସସ୍ମିତା କର୍ମକାରଙ୍କ ଅନ୍ୟ କର୍ମଚ଼ାରୀ ମାନେ ପରିଚ଼ାଳନାରେ ସହଯୋଗ ସହଯୋଗ କରିଥିଲେ। ବିଭିନ୍ନ ଖେଳ ପ୍ରତିଯୋଗିତାରେ ପୁରୀ ନଗରରୁ ଅଙ୍ଗନବାଡି କର୍ମୀ ପ୍ରମୋଦିନି ମିଶ୍ର, ସୂର୍ଯ୍ୟକାନ୍ତି ପ୍ରଧାନ ଓ ପିପିଲିର ରୂପାଲିନ ସାହୁଙ୍କ ସମେତ ଅନେକଙ୍କୁ ପୁରସ୍କୃତ କରାଯାଇଥିଲା।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray